# ଚତୁର୍ଥ ଅଧ୍ୟାୟ

# ବାଥୁଡ଼ି ଚାଙ୍ଗୁଗୀତ
# ଓ
# ନୃତ୍ୟ

ଯେତେବେଳେ ଲୋକସମୂହ କୌଣସି କଥାବୃତ୍ତକୁ ନାଟ୍ୟରୂପରେ ପ୍ରଦର୍ଶିତ କରନ୍ତି, ତାହାକୁ ଲୋକନାଟ୍ୟ କୁହାଯାଏ। ନୃତ୍ୟ, ସଂଗୀତ, ଅଭିନୟ ଓ ବେଶଭୂଷାର ମିଳିତ ସଂଯୋଗରେ ଲୋକନାଟ୍ୟ ଅଗ୍ରସର ହୁଏ। ଏହା ଶିକ୍ଷିତ ସମାଜକୁ ଛାଡ଼ି ସର୍ବସାଧାରଣଙ୍କ ଜୀବନ ଓ ପରମ୍ପରା ଆଦୃତ ମନୋରଞ୍ଜନର ଏକ ମାଧ୍ୟମ। ଲୋକନାଟ୍ୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ମଞ୍ଚର ଆବଶ୍ୟକତା ନଥାଏ, କୃତ୍ରିମ ଆଲୁଅ ପରିବର୍ତ୍ତେ କାଠକୁ ଜାଳି ଆଲୁଅ କରାଯାଏ କିମ୍ବା ଜହ୍ନ ଆଲୁଅ ଥିଲା ତାଙ୍କର ଚିର ସାଥୀ। ଯଗରୁ ଯୁଗକୁ କୌଣସି ବିଶ୍ୱାସ ସହ ଜଡ଼ିତ ଲୋକନାଟ୍ୟ ଲୋକସମାଜ ପାଇଁ ଅଭିପ୍ରେତ ହୋଇଥାଏ। ଲୋକକଥା, ଲୋକବିଶ୍ୱାସ, ଲୋକଚଳଣୀକୁ ଧରି ରଖି ଲୋକନାଟ୍ୟ ଲୋକ ଜୀବନର ପ୍ରତିନିଧିତ୍ୱ କରେ।

ଲୋକନାଟ୍ୟରେ ଦୁଃଖ, ସୁଖ ଓ ଲୋକଙ୍କ ଭାବନାର ଅଭିବ୍ୟକ୍ତି ପ୍ରକଟିତ ହୋଇଥାଏ। ଲୋକନାଟକ କେବେ ସୃଷ୍ଟି ହେଲା କହିବା ସମ୍ଭବ ନୁହେଁ। ଭରତଙ୍କ ନାଟ୍ୟଶାସ୍ତ୍ରରେ ନାଟକ ସୃଷ୍ଟି ସମ୍ପର୍କରେ ଏକ କାହାଣୀ ସଂଯୋଜିତ ହୋଇଛି। କାହାଣୀ ଅନୁସାରେ ଥରେ ଯୁଦ୍ଧକ୍ଳାନ୍ତ ଦେବଗଣ ଏକ ଦୃଶ୍ୟ ଓ ଶ୍ରାବ୍ୟ କ୍ରୀଡ଼ନୀୟକ ପାଇଁ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ, ବ୍ରହ୍ମା ଋକ୍ ବେଦରୁ ପାଠ୍ୟ, ସାମ ବେଦରୁ ଗୀତ, ଯର୍ଜୁର୍ବେଦରୁ ଅଭିନୟ ଓ ଅଥର୍ବ ବେଦରୁ ରସ ଗ୍ରହଣ କରି ନାଟକ ବା ପଞ୍ଚମ ବେଦର ସର୍ଜନା କରିଥିଲେ।

ଶ୍ୟାମସୁନ୍ଦର ମହାପାତ୍ରଙ୍କ ମତରେ – ''ଲୋକନାଟକ କୌଣସି ବ୍ୟକ୍ତିବିଶେଷଙ୍କ ସଚେତନ ସୃଷ୍ଟି ନୁହେଁ, ଏହା ମଣିଷର ସ୍ୱାଭାବିକ ଅନୁକରଣ ପ୍ରବୃତ୍ତିର କ୍ରମ ପରିଣାମ।[୧] ସେ ଯାହା ହେଉ ମଣିଷ ପ୍ରଥମେ ଯାଯାବର ଜୀବନ ବିତଉଥିଲା, କାଳକ୍ରମେ କୃଷିକାର୍ଯ୍ୟ କଲା, ଗୋଟେ ସ୍ଥାନରେ ବସତିସ୍ଥାପନ କଲା। ସୁରକ୍ଷା ପାଇଁ ସମାଜ ଓ ସମାଜ ପାଇଁ ନିୟମ ପ୍ରଥା ରହିଲା। ଗ୍ରାମୀଣ ଜନତା ସରଳ ଜୀବନ ଭିତରେ ମନୋରଞ୍ଜନ ପାଇଁ ଆଉ ଏକ ପ୍ରୟାସ କଲା। ଏଥିରେ ରହିଲା ଗ୍ରାମୀଣ ପରିବେଶ, ଖୋଲା ଆକାଶ, ଚାରିଦିଗର ଦର୍ଶକ ଘେରି ରହି ରସଗ୍ରହଣ କରୁଥିଲେ। କାଳକ୍ରମେ ଇତିହାସ, କିମ୍ବଦନ୍ତୀ ପୌରାଣିକ କଥାବସ୍ତୁ ଜଡ଼ି ହୋଇଗଲା। ଆଧୁନିକ ନାଟକ ସୃଷ୍ଟି ହେବା ପୂର୍ବରୁ

ଲୋକନାଟକ ଗୁଡ଼ିକ ଥିଲା ମୂଳ ଉତ୍ସ। ଏହାର ପୃଷ୍ଟପୋଷକ ଥିଲେ ଜନସମୂହ। ଆଲୋଚକ ଡ.ହେମନ୍ତ ଦାସଙ୍କ ମତରେ- "ଏଥିରେ ମିଶି ରହୁଥିଲା ଭିଜା ମାଟିର ଗନ୍ଧ, ବନପକ୍ଷୀର କାକଳି ଏବଂ ଗିରି ନଦୀର କୁଳୁକୁଳୁ ତାନ। ବିବର୍ତ୍ତନର ପ୍ରବାହରେ ଏହାରି ମଧ୍ୟରୁ ହୁଏତ ଦିନେ ଆତ୍ମପ୍ରକାଶ କରିଥିଲା ଗ୍ରାମବହୁଳ ଭାରତର ଅଜସ୍ର ଜନତାଙ୍କର ମନୋରଞ୍ଜନର ଏକମାତ୍ର ମାଧ୍ୟମ ଲୋକନାଟକ।''(୨)

ମଣିଷ ନିଜର ଦୈନନ୍ଦିନ କାର୍ଯ୍ୟବେଳେ, ଚତୁପାର୍ଶ୍ୱର ପରିବେଶ ଓ ଜୀବଜନ୍ତୁଙ୍କୁ ଅନୁକରଣ କରି ତଥା ପଶୁପକ୍ଷୀଙ୍କ ଗତିବିଧି, ଗଛଲତାଗୁଡ଼ିକ ପବନରେ ଦୋଳନ, ନଈ ଝରଣାର ଲୀଳାୟିତ ଭଙ୍ଗୀ ଏବଂ ମଣିଷ ନିଜେ ସମଧର୍ମୀଙ୍କୁ ସଂକେତରେ, ଠାରରେ, ଅନ୍ୟର ଅନୁକରଣରେ ଡାକିଲାବେଳେ ଅଭିନୟ ଆକାରରେ ପ୍ରଦର୍ଶିତ କରିଛି। ସେଇଠୁ ଆରମ୍ଭ ହୋଇଛି ଅଭିନୟ। ଅଭିନୟକୁ ଆଉ ଟିକେ ମନୋରଞ୍ଜନ କରିବାକୁ ଗୀତ, ବାଦ୍ୟ, ବେଶ ସଂଯୋଜିତ କରାଯାଇଛି, ପୁଣି ସେଇ ଲୋକନାଟ୍ୟକୁ ନିଜ ଧାର୍ମିକ ବିଶ୍ୱାସ ସହ ଯୋଡ଼ି ଦେଇ ମନୋରଞ୍ଜନ କରିଛି।

ଲୋକନାଟ୍ୟ ବାସ୍ତବରେ ମାନବଜୀବନର ଚଳଣିଠୁ ରସ ଗ୍ରହଣ କରେ, ଫଳରେ ତାହାର ଆତ୍ମା ଦର୍ଶକମାନଙ୍କ ଆତ୍ମା ସହ ଏକିଭୂତ ହୋଇଯାଏ। ଏଥିରେ ଅନେକ ବୈଶିଷ୍ଟ୍ୟ ମଧ୍ୟ ପରିଲକ୍ଷିତ ହୁଏ। ଯଥା:-

କ) ବ୍ୟକ୍ତି ସମୂହର ଭାବନା ବା କଳ୍ପନାର ଅନୁକୃତି।

ଖ) ଗୀତ ପ୍ରଧାନ

ଗ) ଖୋଲାମଞ୍ଚ

ଘ) ପଟ୍ଟ ପରିବର୍ତ୍ତନର ଆବଶ୍ୟକତା ନ ଥାଏ।

ଙ) ଅଙ୍କ, ଦୃଶ୍ୟର ଅଭାବ

ଚ) ମଧ୍ୟ ଭାଗରେ ନାଚଗୀତର ଆୟୋଜନ।

ଛ) ପୌରାଣିକ, ଧାର୍ମିକ, ଐତିହାସିକ, ସାମାଜିକ କଥାବସ୍ତୁ ଆଧାରିତ।

ଜ) ସାଧାରଣ ଅଭିନେତା ହିଁ ନିର୍ଦ୍ଦେଶକ ହୋଇଥାଏ।

୫) ଲୋକଧର୍ମ ଓ ବିଶ୍ୱାସ ଆଧାରିତ।

ଞ) ପୂର୍ବ ଅଭ୍ୟାସର ଆବଶ୍ୟକତା ନଥାଏ।

ଟ) ଏହାର ଶାସ୍ତ୍ର ନାହିଁ।

ଠ) ନଗ୍ନ, ଅସଭ୍ୟ, ଅଶ୍ଳିଳତାର ବର୍ଜନ।

ଅନାଦିଚରଣ ଗାଁଣଙ୍କ ମତରେ – ''ଦଶମ ଏକାଦଶ ଶତାବ୍ଦୀ ବେଳକୁ ଯେତେବେଳେ ସଂସ୍କୃତ ନାଟକ ମାତ୍ର କେତେକ ରାଜନ୍ୟ ମଣ୍ଡଳୀର ମଧ୍ୟରେ ସୀମାବଦ୍ଧ ହେବାକୁ ଲାଗିଲା, ତା'ର ଭାବ ଓ ବୌଦ୍ଧିକତା ସାଧାରଣ ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ପାରିଲାନାହିଁ। ଠିକ୍ ସେତିକିବେଳେ, ଲୋକନାଟକ ଲୋକମାନଙ୍କର ନିକଟତର ହେବାକୁ ଲାଗିଲା । ପରେ ପରେ ଗ୍ରାମ୍ୟ ଲୋକମାନଙ୍କର ବିଭିନ୍ନ ଜୀବନଧାରା ସହିତ ତାଳଦେଇ ଲୋକନାଟକ ସ୍ୱଚ୍ଛନ୍ଦ ଗତିକଲା। ଏଥିରେ ରାମାୟଣ ମହାଭାରତ କାହାଣୀ ସହିତ ସାମାଜିକ ସମସ୍ୟାମାନ ଅଭିନୟ ବିଷୟରୂପେ ସ୍ଥାନ ପାଇଲା। ବିଭିନ୍ନ ପୂଜା ପାର୍ବଣ ଓ ଉତ୍ସବ ଆଦିରେ ଆଦିବାସୀମାନେ ନୃତ୍ୟଗୀତାଦି ତାଳେ ତାଳେ ନୃତ୍ୟ କରୁଥିବାର ଦୃଷ୍ଟାନ୍ତ ଏବେ ବି ପରିଲକ୍ଷିତ ହୁଏ।[୩]

ମାନବ ସୃଷ୍ଟିର ପ୍ରାରମ୍ଭରୁ ମାନବ ତା'ର ଭାବନାକୁ ଅଭିବ୍ୟକ୍ତ କରିବାକୁ ଶାରୀରିକ ଅଙ୍ଗ ସାହାଯ୍ୟରେ ସଂକେତ ଦେଇ ଉପଯୋଗ କରିଛି। ଏହାର ବିକାଶରେ ମାନବ ଚେତନା ଓ ତା'ର ସାମାଜିକତାର ଭାବନା ବିକଶିତ ହୋଇଛି। ଲୋକନାଟ୍ୟରେ ମାନବ ମନୋରଞ୍ଜନର ଇଚ୍ଛାକୁ ପ୍ରତିକୀତ କରି ପ୍ରଦର୍ଶିତ କରିଛି। ଶ୍ୟାମସୁନ୍ଦର ମହାପାତ୍ରଙ୍କ ମତରେ – ''ଲୋକଙ୍କ ପାଇଁ ଲୋକଙ୍କ ଦ୍ୱାରା ଲୋକନାଟକର ସୃଷ୍ଟି ଓ ଉପସ୍ଥାପନା। ଏଣୁ ଲୋକ ରୁଚି ଓ ଲୋକଦୃଷ୍ଟି ନାଟ୍ୟ ପରିକଳ୍ପନାର ଛତ୍ରେ ଛତ୍ରେ ପ୍ରତିଫଳିତ। ବିଦଗ୍ଧ ନାଟକର ବୌଦ୍ଧିକ କସରତ ଏଠାରେ କାମ୍ୟ ନୁହେଁ, ଏଣୁ ଏହାର ନାଟ୍ୟ କୌଶଳ ଅତ୍ୟନ୍ତ ସରଳ, ପ୍ରୟୋଜନ ଆଡ଼ମ୍ବରହୀନ, ନାଟ୍ୟମୋଦ ଅନାୟାସ ଲଭ୍ୟ।''[୪]

କେତେକ ଆଲୋଚକ ଲୋକନାଟକରେ ନୃତ୍ୟ, ଗୀତ ବା ବାଦ୍ୟର ପ୍ରାଧାନ୍ୟ ଦୃଷ୍ଟିରୁ ସେଗୁଡ଼ିକ ନିମ୍ନୋକ୍ତ କେତୋଟି ବିଭାଗରେ ବିଭକ୍ତ କରିଛନ୍ତି, ଯଥା:-

କ)　ଅଭିନୟାତ୍ମକ - ରାମଲୀଳା, କୃଷ୍ଣଲୀଳା, ଭାରତଲୀଳା, କଣ୍ଢେଇ ନାଟ, ସୁଆଙ୍ଗ, ଯାତ୍ରା, ମୋଗଲ ତାମସା।

ଖ)　ନୃତ୍ୟଭିତ୍ତିକ-ଛଉ, ଦଣ୍ଡ, ରସରକେଳି, ଡାଲଖାଇ, କରମା, ଦେଶିୟା ନୃତ୍ୟ।

ଗ)　ସଙ୍ଗୀତ ଭିତ୍ତିକ - ପାଲା, ଦାସକାଠିଆ, ଘୋଡ଼ା ନାଟ

ଘ)　ବାଦ୍ୟ ଭିତ୍ତିକ - ଢଣ କୋଇଲା, ଘୁଡୁକୀ ନାଟ ଇତ୍ୟାଦି।

ଆଉ କେତେକ ଲୋକନାଟକର ଅଭିନୟ ରୀତିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଥାଏ। ଯଥା:-

କ)　ବିଶ୍ଳେଷଣାତ୍ମକ

ଖ)　ଚମକପ୍ରଦ ଭଙ୍ଗିମାମୟ ଅଭିନୟ

ଗ)　ଆବେଗାତ୍ମକ ଅଭିନୟ

ଘ)　ଅତି ନାଟକୀୟ ଅଭିନୟ

ଙ)　ମିଶ୍ରିତ ରୀତିର ଅଭିନୟ

ଡ. ଅନାଦି ଚରଣ ଗାଁଣ ଲୋକନାଟକକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି।

୧)　କାହାଣୀ ପ୍ରଧାନ

୨)　ନୃତ୍ୟ ପ୍ରଧାନ

କାହାଣୀ ପ୍ରଧାନ

ଲୀଳା, ଯାତ୍ରା, ସୁଆଙ୍ଗ, ପାଲା, ଦାସକାଠିଆ, ଦଣ୍ଡନାଟ

ନୃତ୍ୟ ପ୍ରଧାନ

ଛଉନୃତ୍ୟ, ଡାଲଖାଇ, କରମାନାଟ, ଘୁମୁରା ନାଚ, ଝୁମର ନାଚ, ଚାଙ୍ଗୁନାଚ, କୈସାବାଡ଼ି ନୃତ୍ୟ, ସଂଚାର।

ଲୋକନାଟକର ବୈଶିଷ୍ଟ୍ୟ ଅନୁଯାୟୀ ତାଙ୍କୁ ନୃତ୍ୟପ୍ରଧାନ ଓ ସଙ୍ଗୀତ ପ୍ରଧାନ।

**ଚାଙ୍ଗୁର ଉତ୍ପତ୍ତି**

ବାଥୁଡ଼ି, ଭୂୟାଁ, ସାଉନ୍ତି, ଖଡ଼ିଆ, ଶବର, ଜୁଆଙ୍ଗ ଓ ଲୋଧା ଏମାନଙ୍କ ମୁଖ୍ୟ ନୃତ୍ୟ ହେଉଛି ଚାଙ୍ଗୁ। ଭାରତୀୟ ସଙ୍ଗୀତ ଚାରି ଭାଗରେ ବିଭକ୍ତ। ୧-ତତ, ୨-ଅବନଦ୍ଧ, ୩-ଘନ, ୪-ସୁଷିର। ଚାଙ୍ଗୁ ବାଦ୍ୟ ଅବନଦ୍ଧ ଶ୍ରେଣୀର, ଅବନଦ୍ଧର ଅର୍ଥ ଯାହାକୁ ବନ୍ଧା ଯାଇଅଛି ବା ଯେଉଁ ବାଦ୍ୟର ମୁହଁରେ ଚମ ଓ ଦଉଡ଼ି ବନ୍ଧା ହୋଇଥାଏ। ରାଧାନାଥ ରାୟ, 'ପାର୍ବତୀ' କାବ୍ୟରେ ଜୁଆଙ୍ଗମାନଙ୍କ ଚାଙ୍ଗୁନୃତ୍ୟ ସମ୍ପର୍କରେ ଲେଖିଛନ୍ତି।

''ଜୟ ଗଙ୍ଗେଶ୍ୱର ବୋଲି କ୍ଷଣେ କ୍ଷଣେ
ଉଲ୍ଲାସେ ମାରି କୁହାଟ
ରାତିଯାକ ବସି ଶିଖରେ ଜୁଆଙ୍ଗ
କରୁଥିବ ଚାଙ୍ଗୁ ନାଟ।''(୫)

ଚାଙ୍ଗୁବାଦ୍ୟ ଅନ୍ୟାନ୍ୟ ବାଦ୍ୟ ପରି ଏକ ବୀରବାଦ୍ୟ। ତେଣୁ ବ୍ରଜନାଥ ବଡ଼ଜେନା 'ସମର ତରଙ୍ଗ' କାବ୍ୟରେ ଲେଖିଛନ୍ତି -''ଧଅଁସା ନାଗରା ନୈବତ ଝାଡ଼ି
ତେଲଙ୍ଗି ବାଜା ଚାଙ୍ଗୁ ଗୁଡୁଗୁଡ଼ି।''(୬)

ଗଜପତି ନାରାୟଣ ଦେବଙ୍କ ସଂଗୀତ ନାରାୟଣ ଗ୍ରନ୍ଥରେ କୁହାଯାଇଛି।

''ମର୍ଦ୍ଦଳୋ ମୁରବଶ୍ଚୈବ ଚିକ୍କା ପଟହ ଚାଙ୍ଗବଃ
ପଣବଃ କୁଣ୍ଡଳୀ ଭେରୀ ଘଣ୍ଟବାଦ୍ୟଂ ଚ ଝର୍ଜରଃ।।''

ସାରଳା ଦାସଙ୍କ 'ଚଣ୍ଡୀପୁରାଣ'ରେ ମଧ୍ୟ କୁହାଯାଇଛି।

''କଡ଼ା ଚାଙ୍ଗୁ ଘୁମୁର ମର୍ଦ୍ଦଳ ଦାମଣ୍ଡି
ମଦିରା ରସପାନେ ମତୋ ଆଲ୍ ଖେମେଟା ନାଟ ଖଣ୍ଡି।।''(୭)

ଚାଙ୍ଗୁଗୀତରେ ଚାଙ୍ଗୁବଜାଳୀ ଚାଙ୍ଗୁ ଜନ୍ମର ବୃତ୍ତାନ୍ତ ଗାଇଥାଏ। ଯଥା:-

ଚାଙ୍ଗୁ ଜନ୍ମ ବୃତ୍ତାନ୍ତ ଶୁଣ ଯେତେ ଭକତ
ଶୁଣିଲେ ଚରିତ ହୋଇବ ମୁକତ
ଚାଙ୍ଗୁ ଅଟେ ଶିବଙ୍କର ମାନସ ସ୍ୱତ।
ମାନସରୋବର କୂଳେ
ହରଗୋରୀ ବିହାର କାଳେ
ଅକାଶରେ ଚାନ୍ଦ ଦେଖିଣ ଆନନ୍ଦ
ଚାନ୍ଦ ପରି ବାଜା ଦିଅ
ଦେଖିବି ମୁଁ ତାଣ୍ଡବନୃତ୍ୟ, ବଜାଇ ସେ ବାଜା ତ୍ୱରିତ
ପାର୍ବତୀ ବଚନେ ଆନନ୍ଦିତ ମନେ,
ବଟ ଓହଳର ଶରୀର - କସ୍ତୁରୀ ହରିଣ ଚର୍ମର
ଦଶ ଦିଗପାଳ ହେଲେ ଦଶକିଳ
ବର ଦେଲେ ପ୍ରଭୁ ଶଙ୍କର - ଚାଙ୍ଗୁ ତୁହି ମୋର କୁମର
ବାଜା କାଳେ ତୋର - ତ୍ରିପୁର ଠାକୁର।
ଶୁଣ ହେ ଚାଙ୍ଗୁଆ ଭାଇ ମୋହର ଉତ୍ପତ୍ତି
ଚାଙ୍ଗୁ ଜନ୍ମ କେଉଁପରି କହିଣ ଦେବୁଟି।
ଚାଙ୍ଗୁ ବାଦ୍ୟ ଗୋଟି ବାବୁ କିଏ ଜାତ କଲା
ଚାଙ୍ଗୁର ଜନମ ଭାଇ କହିବ କି ଭଲା।
ଶୁଣ ହେ ସୁଜନ ଜନ ଦେଇ ମନ କର୍ଣ୍ଣ।
ଏଥୁ ବୁଝାଇ କହିବା ପୂର୍ବ ଚାଙ୍ଗୁ ଜନ୍ମ।
ସତ୍ୟ, ତ୍ରେତୟା, ଦ୍ୱାପର ଅଟେ କଳିଯୁଗ
ବ୍ରହ୍ମା, ବିଷ୍ଣୁ ବାଦ୍ୟ ଆରମ୍ଭିଲେ ଭାଗ ଭାଗ।
ବ୍ରହ୍ମାଙ୍କ ନାଗରା କଲା, ଭେରୀତୁରୀ ସାଜେ
ବିଷ୍ଣୁଙ୍କ ତାଳ ମୃର୍ଦ୍ଦଳ, ମୃଦଙ୍ଗ ମନ ରଞ୍ଜେ।
ଈଶ୍ୱର ପାର୍ବତୀ ବାଦ୍ୟ ଆରମ୍ଭିଲେ ବେନି

ଏକ ଗୋଟି ନୂଆ ବାଦ୍ୟ ତିଆରିଲେ ପୁଣି।
ପାର୍ବତୀ ବୋଇଲେ ସ୍ୱାମୀ ଶୁଣ ମୋର ଶିର
କେଉଁ କାଠ ଆଣି ଖୋଳ କରିବା ତିଆରି।
ଶିବ ବୋଇଲେ ପାର୍ବତୀ ଶୁଣ ମୋ ଉତ୍ତର
ବାଞ୍ଝାବଟ ଅଟଇ ଆମ୍ଭ ସିଂହ ଦ୍ୱାର।
ପୂର୍ବଭାଗ ଡାଳର ଯେ ଅଛି ଉହୁର
ଉହୁରକୁ କାଟିଆଣି ତିଆରିବା ଖୋଳ।
ପଞ୍ଚଦଶୀ ରବିବାର ଉଜ୍ଜବରା ହାସ
ଚନ୍ଦ୍ରମାକୁ ଲାଗିଲା ରାହୁଙ୍କର କ୍ଲେଶ।
ସୂର୍ଯ୍ୟଙ୍କଠାରୁ ଚନ୍ଦ୍ରଙ୍କର କଳେ ଉଣା
ବାରଘଡ଼ି ମଧ୍ୟରେ ଯେ ଛାଡ଼ିଲେ କରୁଣା।
ସେହି ରବିବାର ଦିନ ତିଆରିଲେ ଖୋଳ
ସେହି ଦିନ ଚନ୍ଦ୍ର ରାହୁ ଗ୍ରାସିବାର ବେଳ।
ଚଉଦପା ଲମ୍ବକଲେ ଆଡ଼ୁ 'ଛ' ଆଙ୍ଗୁଳି
ବେନି ଜାନୁ ଲୋମ ଉପାଡ଼ିଲେ ବାରପୁଣି।
ପୂର୍ବରୁ ଯେ ମୃଗ ଚର୍ମ ଧାରଣ କରିଥିଲେ
ସେହି ମୃଗ ଚର୍ମ ଛାଇ କିଳା ଲଗାଇଲେ।
ଚନ୍ଦ୍ରପରି ବାଦ୍ୟ ସେ ହୋଇଲା ସମାଯୁକ୍ତ
ଚନ୍ଦ୍ର ବାଦ୍ୟଦ୍ୱୟ ମଧ୍ୟେ ହୋଇଲା ଯେ ମିତ୍ର।
ଚନ୍ଦ୍ରଠାରୁ ବାରକଳା ରହିଲା ବାଦ୍ୟରେ
ତେଣୁକରି ''ବାଇକୁଣ୍ଡଳ'' ଯେ ନାମ ତା'ର।''[୮]

ଚାଙ୍ଗୁର ସୃଷ୍ଟି ପୂର୍ବରୁ ବାଥୁଡ଼ି ଜନଜାତି ଜଙ୍ଘ ଓ ଛାତିରେ ଚାପୁଡ଼ା ମାରି ନାଚିକୁଦି ଜୀବନକୁ ଉପଭୋଗ କରୁଥିଲା। ସେଇ ଚାପୁଡାରୁ ଚାଙ୍ଗୁ ସୃଷ୍ଟି ବୋଲି 'ବଡ଼ାମ ପୁରାଣ'ରେ ଉଲ୍ଲେଖ ରହିଛି।

''ଚାପୁଡ଼ା ମାରି ଅଙ୍ଗରୁ ବାଦ୍ୟ କଲା ଜାତ
ତେଣୁ କରି ବାଦ୍ୟ ନାମ ଚାଙ୍ଗୁ ହେଲା ଖ୍ୟାତ ।।
ଚାପୁଡ଼ା ମାରିଣ ସେହୁ ଜାତ ହେଲା ଅଙ୍ଗୁ
ତେଣୁ ପ୍ରଚାର ହୋଇଲା ନାମ ତା'ର ଚାଙ୍ଗୁ ।।
ଚାଙ୍ଗୁ ବାଦ୍ୟ ବାଇବାଇ ଗାଇଲା ସେ ନାମ
ଜୟ ମା'ସାହାଣ ଦେଇ ଜୟ ହେ ବଡ଼ାମ ।''[୯]

## ଚାଙ୍ଗୁନୃତ୍ୟର ଉତ୍ପତ୍ତି

ଚାଙ୍ଗୁ ନାଚ କେବେ ସୃଷ୍ଟି ହେଲା କହିବା ସମ୍ଭବ ନୁହେଁ । ଚାଙ୍ଗୁ ନାଚର ଉତ୍ପତ୍ତି ସମ୍ବନ୍ଧେ ଏକ ଲୋକକଥା ରହିଛି । ପର୍ବତ ଖୋଲରେ ଶିବ ଓ ପାର୍ବତୀ ଅବସ୍ଥାନ କରୁଥିବାବେଳେ ଚନ୍ଦ୍ରକୁ ଦେଖି ଦେବୀ ପାର୍ବତୀ ଆନନ୍ଦରେ ଅଧିର ହୋଇ ଶିବକୁ ଏହି ଗୋଲାକାର ଚନ୍ଦ୍ରମା ପରି ଏକ ବାଦ୍ୟ ଆଣିଦେଲେ ବଜାଇ, ଗୀତ ଗାଇ ରାତ୍ରିଯାପନ କରିଥାନ୍ତେ । ଶିବ ତତ୍‌କ୍ଷଣାତ୍ ବର ଓହଳକୁ ଗୋଲାକାର କରି ସେଥିରେ ମାଙ୍କଡ଼ ଚମଡ଼ାରେ ଛାଉଣୀ କରି କେତୋଟି କିଳା ଦେବାରୁ ତାହା ଏକ ବାଦ୍ୟ ଯନ୍ତ୍ରରେ ପରିଣତ ହୋଇଗଲା ଓ ଏହାର ନାମ 'ଚାଙ୍ଗୁବାଦ୍ୟ' ହେଲା ।

ଚାଙ୍ଗୁନୃତ୍ୟର ଉତ୍ପତ୍ତି ସମ୍ପର୍କିତ ଆଉ ଗୋଟିଏ ଲୋକମତ ହେଲା ଯେ ଶିବ ପାର୍ବତୀଙ୍କୁ ବିବାହ କଲାପରେ ସାତଜଣ ଅପ୍‌ସରାଙ୍କ ସହ କୁଣ୍ଡଳୀନୃତ୍ୟ କରି ଖୁସି ମନାଇଥିଲେ । କୁଣ୍ଡଳୀ ଆକାରରେ ଘୂରିଘୂରି ନୃତ୍ୟ କରାଯାଇଥିବା ହେତୁ ନୃତ୍ୟର ନାମ ବାଇକୁଣ୍ଡଳି ନୃତ୍ୟ ବୋଲି ବିଶ୍ୱାସ କରାଯାଏ । ଚାଙ୍ଗୁନୃତ୍ୟର ଅନ୍ୟ ନାମ ବାଇକୁଣ୍ଡଳୀ, ଚାଙ୍ଗୁର ଅନ୍ୟନାମ 'ବାଇକୁଣ୍ଡଳ' ।

## ଚାଙ୍ଗୁ ବାଦ୍ୟର ପ୍ରସ୍ତୁତି

ଚାଙ୍ଗୁ ବାଦ୍ୟରେ ଦୁଇ ପ୍ରକାରର କାଠ ବ୍ୟବହୃତ ହୁଏ । ବରଗଛର ମୋଟା ଓହଳ ଓ ସାହାଡା କାଠ । ଗଛଗୁଡ଼ିକର କ୍ଷୀର ଅଠାଳିଆ ହେତୁ ଗୋଲ୍ ହେବାରେ ଏହି ଗଛ ଅସୁବିଧା ହୁଏ ନାହିଁ । ସେହି କାଠକୁ ଆଣି ପ୍ରଥମେ ଯେଉଁ ମାପର ଚାଙ୍ଗୁ ପ୍ରସ୍ତୁତ ହେବ, ସେହି ମାପର ମାଟିରେ ଗୋଲାକାର ଭାବେ ଗାତ ଖୋଳି ରଖାଯାଏ । ପାଞ୍ଚ ବା ଛଅ ଦିନ ପରେ ସେହି ଗାତରୁ କାଠଟି ବାହାର କରାଯାଏ । ଏହାପରେ କାଠଟିକୁ ଶୁଖାଯାଏ, ସେହି ମାପର ଛେଳି ଚମଡ଼ାକୁ ମଧ୍ୟ ପ୍ରଥମେ ପାଉଁଶ

ଦେଇ ଶୁଖାଯାଏ, ଶୁଖିଗଲା ପରେ କାଠରେ ଛାଉଣି କରାଯାଏ। ଛାଉଣି ସମୟରେ ସମାନ ମାପରେ କେତୋଟି କଣା କରାଯାଏ। କେହି କେହି ୧୮ଟି, କେହି କେହି ୩୩ଟି କଣା କରିଥା'ନ୍ତି।

କେହି କେହି ୧୮ଟି କଣା ବା କିଳାର ମହତ୍ତ୍ୱକୁ ଉପଲବ୍ଧି କରିଥା'ନ୍ତି। ତାଙ୍କ ମତରେ ବାଥୁଡ଼ି ଜନଜାତିର ଆରାଧ୍ୟ ଦେବତା ଅଠର ଦେଉଳରେ ଅବସ୍ଥାନ କରୁଥିବା ହେତୁ ଚାଙ୍ଗୁବାଦ୍ୟରେ ୧୮ଟି କିଳା ରହିଛି। ଅଠର ଦେଉଳରେ ୧୩ ଜଣ ଦେବତା ଛଅ ଜଣ ଦେବୀଙ୍କ ଆସ୍ଥାନ ରହିଛି। ଯଥା:- ଦେବତା - ଭୈରବ, ବଡ଼ାମ, ଜଗନ୍ନାଥ, ରାମରାଜା, ମାନବ ଦେବତା, ଈଶ୍ୱର ଦେବତା, ବିଷ୍ଣୁ, ମହାବୀର, ବାମନବୀର, ସମୀବୃକ୍ଷ ଦେବତା, ଦେବକୁଣ୍ଡ, ଭୈରବ, ଯଶିପୁର, ଗଡଠାକୁର। ଦେବୀ- ଲକ୍ଷ୍ମୀମାତା, ଦେବୀ ବିରାଟପାଟ, ଦୁଆରଶୁଣି, ବାଉଳାଶୁଣି, ସାହାଡ଼ା ସୁନ୍ଦରୀ, ବୁଢ଼ିପାଟ୍। ଆଉ କେହି କେହି ଚାଙ୍ଗୁ ବାଦ୍ୟରେ ୩୩ଟି କିଳା କରିଥା'ନ୍ତି। ସେମାନଙ୍କ ମତରେ ହିନ୍ଦୁ ଧର୍ମର ୩୩ କୋଟି ଦେବଦେବୀଙ୍କ ନାମାନୁସାରେ, ସେହି କିଳାର ସ୍ଥିତି ବିରାଜମାନ କରୁଛି। ପୁଣି ଏଭଳି ମତପାର୍ଥକ୍ୟ ଅନେକତ୍ର ଦେଖିବାକୁ ମିଳେ। ହୁଏତ ନିଜ ଇଚ୍ଛା ଅନୁସାରେ ବଜାଳୀ ଚାଙ୍ଗୁ ବାଦ୍ୟରେ କିଳା ସଂଖ୍ୟା ଆବଶ୍ୟକତା ଅନୁଯାୟୀ କରିଥିବ। ପରବର୍ତ୍ତୀ ସମୟରେ କେହି ୩୩ଟି କିଳା କଲାପରେ, ତାହା ଏକ ଅଭ୍ୟାସରେ ପରିଣତ ହୋଇଛି ଓ ପରବର୍ତ୍ତୀ ସମୟରେ ପ୍ରଥା ହୋଇଯାଇଛି। ତାକୁ କେହି ନୂତନ ଧର୍ମ ବିଶ୍ୱାସୀକରଣ କରି ୩୩ କୋଟି ଦେବଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଦେଇଛି।

**ଚାଙ୍ଗୁ ତାଳ**

ଚାଙ୍ଗୁ ବଜାଳି ବାମ ହାତରେ ଚାଙ୍ଗୁଧରି ଡାହାଣ ହାତରେ ବଜାଏ। ଡାହାଣ ହାତର ୪ ଆଙ୍ଗୁଠି ଚାଙ୍ଗୁବାଜାରେ ବାଜୁଥିବ। ଗୀତ ପଦେ ଗାଇ ଗାଇ ଶେଷ ବେଳକୁ ଆଉ ଗୋଟେ ତାଳରେ ଚାଙ୍ଗୁ ବଜେଇବ। ସେତେବେଳେ ଗୀତ ବନ୍ଦ ହେବ। ଯଥା:-

''ତାଲ୍ ଘେନ୍ତାଲ୍ ଘିନ୍‌ତା
ତାଲ୍ ଘେନ୍ତାଲ୍ ଘିନ୍‌ତା
ତାଗ୍, ତାଗ୍ ତାରାତା
ତା ଘେନ୍ତାଳ ଘିନ୍‌ତା

ତା ତା ତା ଘିନ୍ ଘିତା

ତା ତା ତା ତାଘିନ୍ ଘିତା

ତା ଘୁନ୍, ଘୁଁତା, ତା ଘୁନଘୁଁତା, ଘୁନତା, ଘୁନତା, ଘୁନତା।''[୧୦]

ଚାଙ୍ଗୁ ତାଳରେ ଏକତାଳି, ଦୁଇ ତାଳି, ତିନି ତାଳି, ଚାରି ତାଳିଆ ଝୁଲାତାଳ, ଭୈରବୀ ଓ ଖେମେଟା ଇତ୍ୟାଦି ରହିଛି।

ଝୁଲାତାଳ - ''ଘିନ୍ତା ତାତା

ଘିନ୍ ଘିନତା ଘିନ୍

ତାତା ଘିନ୍ ଘିତା ଘିନ୍

ଧନ୍ଦା ଘିନ୍ ଘିନ୍

ଧନ୍ଦା ଘିନ୍ ଘିନ୍।''[୧୧]

ଆଉ ଗୋଟେ ତାଳ -

''ଘିନ୍ତା, ତା ତା, ଘିନ୍ତା

ତାତା, ଘିନ୍, ତା ତା ତା

ଘିନ୍ଦା ଘିନ୍ଦା ଘିନ୍ତା

ତା ତା ଘିନ୍ତା ଘି ଘିନତା

ଘିନ୍ ଘିତା ଘିନ୍

ତା ତା ଘିନ୍ ଘିତା ଘିନ୍।''[୧୨]

**ଚାଙ୍ଗୁ ଗୀତ**

ବର୍ଷକ ଛଅ ଋତୁ। ଛଅ ଋତୁରେ ବାର ମାସ। ବାର ମାସରେ ତେର ପର୍ବ। ଚୈତ୍ର ମାସରେ ହିଁ ଆଦିବାସୀଙ୍କ ମୁଖ୍ୟ ପର୍ବ ପାଳନ ହୁଏ। ବାଥୁଡ଼ି ମଧ୍ୟ ଚଇତ ମାସକୁ ଗ୍ରହଣ କରି ବଡ଼ାମ ପୂଜା କରେ।

''ବସନ୍ତ ଋତୁର ଚଇତ ମାସକୁ
ବାଛିଲା ବାଥୁଡି ଜାତି
କରିବା ପାଇଁ ଏ ବଡ଼ାମ ଉତ୍ସବ
ନ ରଖିଣ ବାରତିଥି।''[୧୩]

ଦିନସାରା ବାଥୁଡ଼ି ପରିଶ୍ରମ କରେ। ପରିଶ୍ରମ ସାରି ସଞ୍ଜ ହେଲେ ସେ ବଡ଼ାମ ଶାଳରେ ଚାଙ୍ଗୁ ବଜେଇବାରେ ମାତିଯାଏ। ସତେ ଯେପରି ତା'ର କ୍ଳାନ୍ତି ନାହିଁ। ବଡାମଙ୍କ ପାଇଁ ଚାଙ୍ଗୁ ବଜେଇ ଅପାର ଆନନ୍ଦ ଲାଭ କରେ। କିନ୍ତୁ ଚଇତ ମାସର ଶୁଭ ତିଥିରେ ବଡ଼ାମ ପୂଜା ହେଲେ ବି ଗ୍ରାମରେ ପ୍ରସୂତି ନାରୀ କିମ୍ବା କାହାର ବିୟୋଗ ଘଟିଲେ ପୂଜା ସ୍ଥଗିତ ରୁହେ। ଏହା ମଧ୍ୟ ସେ ଚାଙ୍ଗୁ ଗୀତରେ ଗାଏ।

''ଗ୍ରାମବାସୀକାର ବିୟୋଗ ଘଟିଲେ
ଅବା ପ୍ରସୂତି କାଳରେ
ପୂଜା ବିଧି ସର୍ବ ସ୍ଥଗିତ ହୋଅଇ
ବଡ଼ାମ ପୂଜା ରୀତିରେ।''[୧୪]

ଏହି ପୂଜାକୁ କେହି କେହି ଡାଳ ପରବ, ଚଇତି ପରବ ମଧ୍ୟ କହିଥା'ନ୍ତି । ଏହିଦିନ ଯୁବତୀମାନେ ବଡ଼ାମ ଶାଳକୁ ଲିପାପୋଛା କରନ୍ତି। ଯୁବକମାନେ ତୋରଣ ବାନ୍ଧନ୍ତି। ଝୋଟି ଚିତ୍ର ଦ୍ୱାରା ବଡ଼ାମ ଶାଳ ସୁନ୍ଦର ଭାବେ ସଜ୍ଜିତ ହୋଇଥାଏ। ନାନା ଜାତିର ଫୁଲଗୁନ୍ଥା ହୋଇ ଟଙ୍ଗାଯାଏ। ସନ୍ଧ୍ୟା ହେଲା ପରେ ଦଳ ଦଳ ଆବାଳ ବୃଦ୍ଧ ବନିତା ବଡ଼ାମ ଶାଳକୁ ଆସନ୍ତି। ସମସ୍ତେ ନୂଆ ବସ୍ତ୍ର ପରିଧାନ କରି ପବିତ୍ର ମନରେ ବଡ଼ାମକୁ ଆରାଧନା କରିଥାନ୍ତି। ପୂଜା ସରିବା ପରେ ଅନ୍ୟ ଗ୍ରାମରୁ ଆସିଥିବା ଚାଙ୍ଗୁଦଳ ତା'ର ଚାଙ୍ଗୁ ବଜାଇ ଗୀତ ଗାଇଥା'ନ୍ତି।

ପୂଜା ସମୟରେ ଜଣକୁ ଜଣକୁ କାଳିସୀ ଲାଗେ। କାଳିସୀ ରୂପରେ ଦେବୀଙ୍କ ମନୋବାଞ୍ଛା ଓ ଲୋକଙ୍କ ସମସ୍ୟାର ସମାଧାନ ହୁଏ। ହୁଳହୁଳି, ଶଙ୍ଖ, ଚାଙ୍ଗୁ ବାଜାର ଆସର ସହ ଭୋଗ ରୂପେ ଧୂପ, ଦୀପ, ପୁଷ୍ପ, ନଡ଼ିଆ, କଦଳୀ, ଅରୁଆ ଚାଉଳ, ବିରି ଠାକୁରଙ୍କ ପାଖେ ଭୋଗ ଲାଗେ।

ମାନସିକ କରିଥିବା ବ୍ୟକ୍ତି ବୋଦା ଛେଳି, କୁକୁଡ଼ା ବଳି ଚଢ଼େଇ ମାନସିକ ପୂରଣ କରନ୍ତି। ଏହି ସମୟରେ ଆଉ କ'ଣ ହୁଏ ଚାଙ୍ଗୁ ବଜାଳି ଗାଏ –

''କେ ଦାସୀ ଆଣଇ ଫଳ କେ ଆଣେ ଧାନର ବଳ
ବଡ଼ାମ ଶାଳରେ ସର୍ବ କରନ୍ତି ଠୁଳ
ସତେ ପବନ ନନ୍ଦନ ଭାଙ୍ଗେ ରାବଣ ଉଦ୍ୟାନ
ବିନାଶ କରଇ ସତେ ଏ ଫୁଲ ଫଳ
ଜନରବ ଦାନବ କୁଳ
ସତେ ଲଙ୍କା ଭାଙ୍ଗିଗଲା ପଡ଼େ ଚହଳ।।''[୧୫]

ବଡ଼ାମ ଭକ୍ତ ନିଜ ଚିତ୍ତରେ ବଡ଼ାମ ଠାକୁରଙ୍କ ଚତୁର୍ଦ୍ଧା ମୂରତି ରୂପେ ବିଶ୍ୱାସ କରେ। ସେହି ହେତୁ ସେ ଗାଏ –

''କିଏ ତମେ ପ୍ରଭୁ କିସ ତୁମ୍ଭ ନାମ
ଅଟେ ଯେ, ଚତୁର୍ଦ୍ଧା ମୂରତି
ଆସିଥିଲ କିବା ଆମ ଦୁଃଖ ନେବ।
ପାଇ ଅପା ଦେଖିବା ବିପତ୍ତି
ଉଦ୍ଧାରିବା ଲାଗି ଏ ଦଳିତ ଜାତି
ତେଣୁ କରିଥିଲୁ ଆପତ୍ତି।''[୧୬]

ଚାଙ୍ଗୁର ଉତ୍ପତ୍ତି, ନାମକରଣ ଇତ୍ୟାଦିର ବନ୍ଦନା ଚାଙ୍ଗୁନୃତ୍ୟ ବେଳେ ସେ କରେ। ଏତଦ୍‌ବ୍ୟତୀତ ମୁଖ୍ୟ ଦେବତା 'ବଡ଼ାମ'କୁ ବନ୍ଦନା କରିବା ସଙ୍ଗେ ସଙ୍ଗେ ବିଭିନ୍ନ କଥାବସ୍ତୁ, ନଦୀ, ଜଳପ୍ରପାତ, ସାମାଜିକ, ଐତିହାସିକ, ଅର୍ଥନୈତିକ, ଧାର୍ମିକ ସ୍ଥିତିର କଥା ସୁନ୍ଦର ଭାବେ ଗାଇଥାଏ। ବଡ଼ାମ ଠାକୁରକୁ ବନ୍ଦନା କଲାବେଳେ ସେ ଗାଏ –

''ମୁଇଁ ତ ବନ୍ଦିଲି ଠାକୁର ବଡ଼ାମ
ବିଜେ ଅଠର ଦେଉଳ

ବଣ ପାହାଡ଼ର ଯେତେ ଦେବାଦେବୀ
ବନ୍ଦିଲି ପାହାଳ ଚୁଳ।
ଚଇତ ବଇଶାଖେ ବଡ଼ାମର ପୂଜା
ବାଥୁଡ଼ି ଆଦି ଦେବତା।
ଶିମିଳିପାହାଳ ଅଠର ଦେଉଳ
ମେଳା ନାଗିଥାଏ ସଦା।''[୧୭]

ଇଷ୍ଟଦେବତା ବଡ଼ାମ ଠାକୁରଙ୍କ ସକାଶେ ନୂଆ ଫୁଲ, ନୂଆ ଫଳ ଅର୍ପଣ କରି ବାଥୁଡ଼ି ଫଳ, ଫୁଲକୁ ଗ୍ରହଣ କରେ। ଧାନ ଅନୁକୂଳ ସମୟରେ ବା ପ୍ରତ୍ୟେକ ପୂଜାପର୍ବରେ ବାଥୁଡ଼ି ବଡ଼ାମକୁ ଧ୍ୟାନ କରି 'ଜୟ ବଡ଼ାମ' ଉଚ୍ଚାରଣ କରେ। ପ୍ରତ୍ୟେକ ମାସରେ ବାଥୁଡ଼ି କିଛି ନା କିଛି ପୂଜା କରି ବଡ଼ାମକୁ ସ୍ମରଣ କରେ। ସେଥିପାଇଁ ଚାଙ୍ଗୁଗୀତରେ ବି ଏହାର ସୁନ୍ଦର ବର୍ଣ୍ଣନା ସେ କରେ। ଆଷାଢ଼ ମାସରେ ଅଷାଳି ପୂଜା, ଅଷାଳି ପୂଜାରେ ଧରିତ୍ରୀ ମାତାକୁ କୁକୁଡ଼ା ଓ ବୋଦାଛେଳି ବଳି ଚଢ଼ାଏ। ସେଇଥିପାଇଁ ସେ ଗାଏ –

''ଅସାଳ ମାସରେ ଅସାଳି ପୂଜା ଗ
ଜାହିରା ଠାକୁର ଥାନେ
ବାସିକି ମା କେ କୁକୁଳି ଦେନୁ ଗ
ମାନସିକ ମନେ ମନେ।''[୧୮]

ବାଥୁଡ଼ି କୃଷିକାମ ସହ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରେ। ତା'ର ଆର୍ଥିକ ପ୍ରତିପୋଷଣ କୃଷି କାର୍ଯ୍ୟରେ ପର୍ଯ୍ୟାପ୍ତ ହୋଇପାରେନି। ହଳ ଲଙ୍ଗଳ ସାହାଯ୍ୟରେ ମାଟି ମା'କୁ ଅନୁକୂଳ କରେ ବାଥୁଡ଼ି। ଲକ୍ଷ୍ମୀ ମା, ଇନ୍ଦ୍ର ଦେବତା ଏ ସମସ୍ତ ଦେବତାକୁ ବିଶ୍ୱାସ କରି ଭାବେ ସେମାନଙ୍କ ଯୋଗୁଁ ଚାଷ ଖୁବ୍ ଭଲ ହେବ। ଚାଷ ଭଲ ହେଲେ ଖାଇବାର ଅଭାବ ରହିବ ନାହିଁ।

''ଜୁହାର ତବେ ବଡ଼ାମ ସବୁ ତହରି ଦାନ
ଜଗତକୁ ପାଳୁଅଛୁ ତୁହି ବଡ଼ାମ

ହଳ ନଙ୍ଗଳକୁ ଧରିବା ନଖମି ମା' ମୁଠି କରିବା
ଇନ୍ଦିର ପାଳିନେ ନଖମି ମା'ଚାହିଁଲେ
ଅଶିଣର ଦୁଃଖ କସଣ ସିମିଳିପାଳ ସେ ଯେ ବନ
ମହୁ ତୁଙ୍ଗା ଆଳୁ, ବାୟାଁ ଯେ ପିତାଳୁ ଝାଡ଼ି,
ଫୁଡ଼ି ଖାଇକରି କାଟିବା ଦିନ।''[୧୯]

ଶିମିଳିପାଳର 'ଅଠର ଦେଉଳ' ପବିତ୍ର ସ୍ଥାନ। ବାଥୁଡ଼ି ଚାଙ୍ଗୁ ଗୀତରେ ଅଠର ଦେଉଳର ବର୍ଣ୍ଣନା ନକରି ରହିପାରେନି। ଅଠର ଦେଉଳରେ ଆସ୍ଥାନ ଥିବା ଦେବଦେବୀଙ୍କ ବନ୍ଦନା କରି ଆଶିଷ ମାଗେ, କୃପାଭିକ୍ଷା ପାଇଁ ବଡ଼ାମ ନିକଟରେ ନେହୁରା ହୋଇ ସେ ଗାଏ।

ଠାକୁର ହେ ଠାକୁର ହେ ବଡ଼ାମ ଠାକୁର
ଶିମିଳି ପାହାଳେ ଅଠର ଦେଉଳେ
ମଉନେ ରହିଲ କିମ୍ପାଇ ଏଥର
ବାରଦଣ୍ଡା ଶିମିଳିପାଳ - ମେଘାସନ ଉଚ୍ଚ ଶଇଳ
ସବୁଠି ରହିଛି ବଡ଼ ବୋଲାଉଛ
ରାମରାଜା ଦୁଆରସେଣି ଯଉରନ୍ଧା ବରେହି ପାଣି
ଅସୁରିଆ ହାଡ଼ ଶିମିଳିଆ ଗଡ଼।
ଆଦରି ରହିଛି ସେ ବିସିପୁର
ଠାକୁର ହେ ଠାକୁର ବନାମ ଠାକୁର
ବୁଢ଼ାପାଟ ବଉଳାସୁଣି ଚମ୍ପା ଘାଟ ସେ ଦୁଧିଆଣି
ମାନବ ଦେଉଳ ଈଶ୍ୱର ଦେଉଳ
ବଡ଼ ଦେଉଳକୁ ଲାଗି ଲକ୍ଷ୍ମୀ ଭଣ୍ଡାର, ଠାକୁର ହେ ...
ଗଡ଼ ମା'ତୁ ବିରାଟ ପାଟ ସମିବୃକ୍ଷ ସେ ଦେବକୁଣ୍ଡ
ସାହାଡ଼ା ସୁନ୍ଦରୀ ମହାବୀର ଦଣ୍ଡା
ତନଖା ଯମୁନା ବିଷ୍ଣୁ ମନ୍ଦିର ଠାକୁର ହେ ଠାକୁର

ବାରଖଣ୍ଡା ବାମନ ବୀର ଯଶିପୁର ଗଡ଼ ଠାକୁର
ଛତ୍ରୀ ମହାବୀର ପୟରେ ତହର
ଦିନ ଅଲିଞ୍ଚନ କରେ ଜୁହାର।
ଠାକୁର ହେ ଠାକୁର ...
ଦିନ ଥିଲା ତ କୃପାବଳେ ଏହି ଜାତି ବୀର ଭୁତଳେ
କ୍ରିୟାକର୍ମ ଛାଡ଼ିଗଲେ ପଥହୁଡ଼ି
ଆଶିଷ ଦେଇଣ ପ୍ରଭୁ ଭବୁ ଉଦ୍ଧାର
ଠାକୁର ହେ ଠାକୁର, ହେ ବଡାମ ଠାକୁର।''(୨୦)

ଆଞ୍ଚଳିକତାକୁ ପ୍ରାଧାନ୍ୟ ଦେଇ ବିସିପୁର ଓ ଯଶିପୁର ପ୍ରମୁଖ ସ୍ଥାନ ଭାବେ ଉଭା ହୋଇଛି। ଏହା ବ୍ୟତୀତ ପ୍ରତ୍ୟେକ ଚାଙ୍ଗୁଗୀତରେ ବାଥୁଡ଼ି ଏକ ବୀର ପୁରୁଷ ରୂପେ ଚିତ୍ରଣ କରାଯାଇଛି। ବଡ଼ାମ ପୁରାଣରେ ମଧ୍ୟ ଏହାର ବର୍ଣ୍ଣନା ରହିଛି। ଯଥା:-

''ଚାଙ୍ଗୁ ଖଣ୍ଡା ଧନୁଶର ବଡ଼ାମ ସନ୍ତକ
ବାଥୁଡ଼ିରେ ନୁହେଁ ଗଣା ନଥିଲେ ଏତକ।''(୨୧)

ଚାଙ୍ଗୁ, ଖଣ୍ଡା, ଧନୁଶର ଏଗୁଡ଼ିକ ବାଥୁଡ଼ି ଜନଜାତିର ସନ୍ତକ। ଏଗୁଡ଼ିକ ଛାଡ଼ି ବାଥୁଡ଼ି ଜନଜାତିର ସଂସ୍କୃତି ଓ ପରମ୍ପରା କଳନା କରାଯାଇ ନ ପାରେ।

ବିପଦ ଆପଦ, ନାନା ବିଧି, ଶତ୍ରୁବାଦ ଏଗୁଡ଼ିକ ସବୁ ବଡ଼ାମଙ୍କ ମହିମା ଯୋଗୁଁ ଅପସରି ଯିବ ବୋଲି ବାଥୁଡ଼ି ବିଶ୍ୱାସ କରେ। ବଳରାମ ଠାକୁର ଦେଉଛନ୍ତି ସାକ୍ଷାତ୍ ବଡ଼ାମ, ସେ ହଳପାଣି। ତା' ଯୋଗୁଁ ବଞ୍ଚିଥିଲେ ଆସନ୍ତା ଚୈତ୍ରମାସରେ ବଡ଼ାମକୁ ସେ ଦର୍ଶନ କରିବ। ଜନଜାତିରେ କାଳିସୀ ଲାଗିବା ଉପରେ ଗଭୀର ବିଶ୍ୱାସ ପ୍ରକଟ କରିଥାଏ। ତା'ମତରେ ଦେବୀମାନେ କାଳିସୀ ଦେହରେ ପ୍ରବେଶ କରି ଭଲମନ୍ଦ ପ୍ରକାଶ କରନ୍ତି। ତା'ମତରେ କାଳିସୀ ମୁଖନିସୃତ ଉଚ୍ଚାରଣ ସମାଜର ହିତ ପାଇଁ ଅଭିପ୍ରେତ ବା ସମାଜ ବା ବାଥୁଡ଼ି ଜନଜାତିର ମଙ୍ଗଳ କାମନାରେ ବ୍ରତୀ ହୋଇଥାଏ। ଚାଙ୍ଗୁଗୀତରେ ସେ ଗାଏ -

‘‘ସେ ଦାସି ଯାହା କହନ୍ତି ଲୋକେ ବିଶ୍ୱାସ କରନ୍ତି
ବାଥୁଡ଼ିଙ୍କ ପରମ୍ପରା ସମାଜଗତ
ଦେବୀଙ୍କଠାରେ ଭରସା ରଖି ଜୀବନ ଜୀବିକା
ନିର୍ବାହ କରଇ ଜାତି ସର୍ବସମ୍ମତି
ଏତ ସାମୂହିକ ପରବ
ସମାଜ ହିତପାଇଁ ବ୍ରତ ସରବ।’’(୨୨)

ବଡ଼ାମ ନାମରେ କାଳିସୀକୁ ଜନଜାତି ସଜାଏ। ଜନଜାତି କାଳିସୀକୁ ବଡ଼ାମ ଭାବି ସେତେବେଳେ ପୂର୍ଣ୍ଣରୂପେ ବିଶ୍ୱାସ କରେ। ସେଥିପାଇଁ କାଳିସୀକୁ ବିଭିନ୍ନ ଫୁଲ, କଜ୍ଜ୍ୱଳ, ସିନ୍ଦୂର ଦେଇ ସଜେଇ ଦିଏ। ଏହାର ବର୍ଣ୍ଣନା ଚାଙ୍ଗୁଗୀତରେ ସୁନ୍ଦର ହୋଇଛି।

‘‘ବଡ଼ାମ ନାମେ କାଳିସୀ ସଜାଇଲେ ସର୍ବମିଶି
ଲଲାଟେ ସିନ୍ଦୂର ଗାର କଣ୍ଠରେ ମାଳ
ନେତ୍ରରେ ଦେଲେ କଜ୍ଜ୍ୱଳ ବାହୁରେ ପଳାସ ଫୁଲ
କଟିରେ ଶୋଭା ପାଉଛି ଶିମୁଳି ଫୁଲ
ନାନା ରଙ୍ଗେ ସଜାଇ ଦେଲେ
ଦିଶିଲା ପ୍ରଳୟଙ୍କର ରୂପ ସେ ବେଳେ।’’(୨୩)

ପୂଜା ପର୍ବମାନେ ହିଁ ଏହି ଜନଜାତି ଛେଳି କୁକୁଡ଼ା ବଳି ଦିଏ ଓ ନିଜେ ଖାଏ। ତା’ର ଉଦାହରଣ ଯଥା:-

‘‘ନାନା ଦେବାଦେବୀପାଇଁ ବଳି ଭୋଗ ଦେଲେ ତହିଁ
ଛେଳି କୁକୁଡ଼ା ସଙ୍ଗରେ ଯା’ଥିଲା ଫଳ
ସନ୍ତୋଷରେ କଲେ ପ୍ରଦାନ
ମେଲାଣି ଦେଇ ଦେବୀଙ୍କୁ କଲେ ଗମନ।’’(୨୪)

ବଳି ଦେଇ ସାରି ସେଇ ମାଂସ ବାଥୁଡ଼ି ଜନଜାତି ଆନନ୍ଦରେ ରାନ୍ଧି ଖାଆନ୍ତି।

''ପ୍ରବେଶି ଜଳ କୁଳରେ ସ୍ନାନ କରିଲେ ଜଳରେ
ପ୍ରାରଣା ରାନ୍ଧିଲେ ସର୍ବେ ଦେବି ମନାସି
କୁକୁଡ଼ା ଛେଳିର ମାଂସ ରାନ୍ଧନ୍ତି ହୋଇ ସନ୍ତୋଷ
ବାର୍ଷିକ ତପସ୍ୟା ପୂର୍ଣ୍ଣ କରିବେ ଦାସି
ସନ୍ତୋଷରେ କଲେ ଭୋଜନ
ଭୋଜନ ସାରି ଗମିଲେ ନିଜ ସଦନ।''[୨୫]

ନୂଆ ଖିଆରେ ନୂଆ ଫଳ ଇଷ୍ଟଦେବଙ୍କୁ ପ୍ରଦାନ କରି ଆଶିଷ ମାଗେ। ନୂଆ ଫଳ ପ୍ରଦାନ କରିସାରିଲାବେଳେ ନିଜେ ଖାଏ। ଏଇ କଥା ଚାଙ୍ଗୁଗୀତରେ ମଧ୍ୟ ଗୀତାଳୁ ଗାଏ -

''ତୃତୀୟ ଦିବସ ଅନ୍ତେ ପରମ୍ପରା ନିତିଗତେ
ଫଳ ନୂଆଖିଆ ହୁଏ ପୂଜି ଠାକୁର
ପଣସ ଆମ୍ବର ଫଳ ଆବର ମହୁଲ ଫୁଲ
ଅର୍ପଣ କରି ଖାଆନ୍ତି ଶୁଦ୍ଧ ଚିତ୍ତରେ
ବଡ଼ାମଙ୍କ ଫଳ ସକଳ
ବଡ଼ାମ ସହିତ ପୂଜେ ଇଷ୍ଟ ନିଜର।''[୨୬]

ଡ.ପଦ୍ମଲୋଚନ ମହାନ୍ତି ତାଙ୍କ 'କେନ୍ଦୁଝରେ ଲୋକ ସାହିତ୍ୟ : ଏକ ଦୃଷ୍ଟିପାତ' ପ୍ରବନ୍ଧରେ କହନ୍ତି - ''ଚାଙ୍ଗୁ ଗୀତ ନୃତ୍ୟ ଭୂୟାଁ, ଜୁଆଙ୍ଗ, ବାଥୁଡ଼ି, ଭୂମିଜ ଆଦି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବହୁଳ ଭାବରେ ଦେଖାଯାଏ। ଏହା କୃଷିଭିତ୍ତିକ। କାର୍ତ୍ତିକ ମାର୍ଗଶିର ମାସରେ ବିଶେଷ ଭାବେ ଏ ଗୀତ ନୃତ୍ୟ ଅନୁଷ୍ଠିତ ହୋଇଥାଏ। ବର୍ଷର ଅନ୍ୟ ସମୟରେ ବିଶେଷତଃ ପର୍ବପର୍ବାଣିରେ ଏ ଅନୁଷ୍ଠାନ ଦେଖାଯାଇଥାଏ। ଇଷ୍ଟଦେବତାଙ୍କ ନାମ ସ୍ମରଣଠାରୁ ବହୁ ପୌରାଣିକ, ସାମାଜିକ,  ରାଜନୈତିକ ଏବଂ ଦୈନନ୍ଦିନ ଜୀବନର କଥା ଏଥିରେ ପ୍ରତିଫଳିତ ହୋଇଥାଏ।''[୨୩] କିନ୍ତୁ କୁଞ୍ଜବିହାରୀ ଦାଶ ତାଙ୍କ ଗ୍ରନ୍ଥାବଳୀରେ ଚାଙ୍ଗୁନୃତ୍ୟଗୀତ ସମ୍ପର୍କରେ ଯେଉଁ ସୂଚନା ଦେଇଛନ୍ତି, ବାଥୁଡ଼ିମାନଙ୍କ କ୍ଷେତ୍ରରେ

ତାହା ପ୍ରଯୁଜ୍ୟ ନୁହେଁ। ସ୍ତ୍ରୀମାନେ ବାଥୁଡ଼ି ଚାଙ୍ଗୁନାଚରେ ଗୀତ ଗାଆନ୍ତି ନାହିଁ। ସେମାନେ କେବଳ ପୁରୁଷମାନଙ୍କ ସହ ନାଚନ୍ତି। ତାଙ୍କ ମତରେ – ''ଚାଙ୍ଗୁନାଚ ପ୍ରଧାନତଃ ଜୁଆଙ୍ଗ, ଭୂୟାଁ, କନ୍ଧ ପ୍ରଭୃତି ଆଦିବାସୀଙ୍କ ମଧ୍ୟରେ ପ୍ରଚଳିତ। ପୁରୁଷମାନେ ଚାଙ୍ଗୁ ବଜାନ୍ତି, ସ୍ତ୍ରୀମାନେ ନାଚନ୍ତି। କିନ୍ତୁ ଉଭୟେ ଗୀତ ଗାଆନ୍ତି। ଦୁଇ ଦଳଙ୍କ ଗୀତ ଏକାବେଳକେ ବୋଲାଯାଏ ନାହିଁ, ପୁରୁଷଙ୍କର ପଦେକୁ ସ୍ତ୍ରୀଙ୍କର ପଦେ। ଗୀତ ପ୍ରତିଯୋଗିତା ମନୋରଞ୍ଜକ, ଦୁଇ ଦଳରେ  ଶକ୍ତିର ପରୀକ୍ଷା ଏଥିରେ ହୁଏ। ନଇଁ ନଇଁ ଆଗକୁ ପଛକୁ ଏକା ଛନ୍ଦରେ ପାଦ ପକେଇ ଚାଙ୍ଗୁର ତାଳେ ତାଳେ ସ୍ତ୍ରୀମାନେ ନୃତ୍ୟ କରନ୍ତି।''[୨୮]

ବାଥୁଡ଼ି ପ୍ରଥମରେ ଦାସକାଠିମାନଙ୍କ ପରି 'ଶିରୀ ରାମ ରାମରେ ଗୋବିନ୍ଦ ରାମ ରାମ' ବୋଲି ଶୀରାମଙ୍କୁ ସ୍ମରଣ କଲାପରେ ବାସୁଳି, ଚନ୍ଦ୍ରସୂର୍ଯ୍ୟ, ଧର୍ମଦେବତା, ବଡ଼ାମ ବୁଢ଼ା, ବଡ଼ାମ ବୁଢ଼ୀ, ବଡ଼ାମ ପୁଅ, ବଡ଼ାମ ବୋହୂ, ବଡ଼ାମର ନାତିନାତୁଣି, ସାହାଡ଼ା ସୁନ୍ଦରୀ ପ୍ରଭୃତି ଦେବଦେବୀଙ୍କୁ ବନ୍ଦନା କରେ। ବାଥୁଡ଼ିଙ୍କ ଚାଙ୍ଗୁଗୀତ ଓ ନାଚ ସମ୍ପର୍କରେ କୁଞ୍ଜବିହାରୀ କହନ୍ତି – "ମୟୂର ଭଞ୍ଜରେ କର୍‌ମାନାଚ, ଜୁଆଙ୍ଗନାଚ, ଦାସାଂ ନାଚ, କାଠି ନାଚପରି ଚାଙ୍ଗୁ ନାଚ ପ୍ରସିଦ୍ଧ। କେଉଁଝରର ଜୁଆଙ୍ଗ ପରି ବାଥୁଡ଼ିଙ୍କର ଏହା ଗୋଟିଏ ଜାତିଆଣ ନାଚ। ପ୍ରତ୍ୟେକ ନାଚୁଆଙ୍କ ହାତରେ ଗୋଟିଏ ଚାଙ୍ଗୁ ଥାଏ। ଆକାରରେ ବୃହତ। ଏହା ଖାଲି ହାତରେ ବଜାଯାଏ। କାଠି ବ୍ୟବହୃତ ହୁଏ ନାହିଁ। ପୁରୁଖା ଗାୟକମାନେ ଗୀତ ଗାଆନ୍ତି। ଅନ୍ୟମାନେ ପାଳି ଧରନ୍ତି। ବୃତ୍ତାକାରରେ ଏମାନେ ନୃତ୍ୟ କରନ୍ତି। ବଡ଼ାମ ଠାକୁର ବାଥୁଡ଼ିଙ୍କ ଇଷ୍ଟ ଦେବତା। ଧାନ ପାଚିଲା ପରେ ନୂଆ ଚାଉଳର ଚୁଡ଼ା, ଖିରୀ ଠାକୁରଙ୍କୁ ଭୋଗ ଦିଆଯାଏ। ନୁଆ ଫସଲ ଆମଦାନୀର ନୈଶ୍ଚିନ୍ତ୍ୟରେ ଭୋଳ ହୋଇ ବାଥୁଡ଼ି ନୃତ୍ୟ କରେ।''[୨୯]

ବଡ଼ାମକୁ ବାଥୁଡ଼ି ବନ୍ଦନା କରିବା ସହ ବାସୁକି ମାତାକୁ ମଧ୍ୟ ବନ୍ଦନା କରେ ଆଉ ଗାଏ –

''ସପ୍ତଶିର ବହୁ ଅଛି ବାସୁକି ମାତାରେ
ଯେତେ ଦେବାଦେବୀଛନ୍ତି ମହିମଣ୍ଡଳରେ
ବିଜେ ଅଠର ଦେଉଳେ ଜଗି ବସିଛନ୍ତି ଭକ୍ତ ଚାରି ପାରୁଶରେ।''[୩୦]

ଅନ୍ଧାର ରାତିରେ ଆକାଶ ଜହ୍ନର କିରଣରେ ଚାଙ୍ଗୁଆମାନେ ନାଚନ୍ତି, ତା'ସହ ଦେବତାମାନେ ମଧ୍ୟ ନାଚନ୍ତି। ନାଚି ନାଚି ଚାଙ୍ଗୁଆମାନେ ଭୋଳ ହୋଇ ଗୀତ ଗାଆନ୍ତି। ଅଠର ଦେଉଳରେ ବଡ଼ାମ ପୂଜା ପରେ ବାଥୁଡ଼ି ଗାଁ' ଗୁଡ଼ିକରେ ଶନିବାର ପୂଜା ଆରମ୍ଭ ହୋଇ ରବିବାର ଶେଷ ହୁଏ। ସେଇଥିପାଇଁ ଚାଙ୍ଗୁ ବଜାଳି ଗାଏ –

''କହିଦେବି ମୁଁ କହିଦେବି ଆଜି ବଡ଼ାମ ଠାକୁରକୁ
ସାତଦିନର ମନର କଥା ଆଜି ପୁରଣ ହେବ କି
ସାତଦିନ ପରେ ଗୋଟିଏ ଦିନ
ତୁମରି ଦେଉଳେ ଉଦ୍ଧାରିବା ପାଇଁ
ଏ ଭବ ସାଗରୁ ଶନିବାରରେ ଭାଇ ଭଉଣୀ
ମଉସା ମାଉସୀ
ଏକାଠି ହୁଅନ୍ତିରେ।''(୩୧)

ପୁଣି ଚାଙ୍ଗୁଗୀତରେ ଥାଏ 'ଗୋ ହତ୍ୟା ହେଉଛି ବ୍ରହ୍ମ ହତ୍ୟା' ପରି ସଚେତନର ବାର୍ତ୍ତା। ସେ ଗାଏ –

''ହରିବଲ ଡାକି ହୁଳହୁଳି ଶବ୍ଦ
ଯେତେ ଦୂର ଯିବାରେ
ଗୋ ହତ୍ୟା ବ୍ରହ୍ମହତ୍ୟା ଛାଡ଼ି ପଳାଇବରେ
ସବୁରୁ ମୁହଁରେ ବଡ଼ାମର ନାମ
କୀର୍ତ୍ତନ ହେଉ ଥାଇରେ।''(୩୨)

ଏ ଭଗ ସାଗରରୁ ତରିବା ପାଇଁ ବଡ଼ାମ ଗୀତ ଗାନ କରିବା ଆବଶ୍ୟକ ବୋଲି ଚାଙ୍ଗୁ ବଜାଳି ଗାଇଥାଏ –

''ବାଲ୍ୟକାଳ ଗଲା ଧୂଳି ଖେଳଖେଳି
କିଶୋର ବୟସ ନାନାରଙ୍ଗ ଭୁଲି

ଯୁବା ବୟସରେ ନ ନେଲ ତା'ନାମ
ବୃଥା ତୋର ନର ଜନମ
ଆରେ ଭୁଲାମନ କର ନିତି ଭବନ।''(୩୩)

ଚାଙ୍ଗୁ ବଜାଳି ମାନବକୁ ଚେତେଇ ଦିଏ ବଡ଼ାମ ଭଜନ ଗାଇବାକୁ। ଜାତିର ଟେକ ରଖିବାକୁ ଓ ବଡ଼ାମ ପାଶେ ଶରଣ ନେବାକୁ । ତା'ର ମତ ଗୀତରେ ଗାଏ –

''ପୁଜି ଆସୁଥିଲେ ପୂରୁବ ପୁରୁଷ
ରଖିବା ଆମେ ଜାତିର ଟେକ
ଆମ ଜାତିର ସେ ବଡ଼ ଠାକୁର
ସର୍ବେ ଭଜିବା ନାମକୁ ତା'ର
ଆସରେ ଭାଇ ଆସ ଭଉଣୀ
ପାଶେ ତା'ର ନେବା ଶରଣ
ଆରେ ଭୁଲାମନ, ଆରେ ଭୁଲା ମନ କର ନିତି ଭଜନ
ମହାପ୍ରଭୁ ବଡ଼ାମ ନାମ, କଣ, ନିତି ଭଜନ।''(୩୪)

ଯେହେତୁ 'ବଡ଼ାମ ଠାକୁର' କୃଷିର ଦେବତା। ଲଙ୍ଗଳ, ଜୁଆଳି, ବଡ଼ାମ ସ୍ଥାନରେ ଶୋଭାପାଏ। ବାଥୁଡ଼ି ବିଶ୍ୱାସ କରେ ଯେ କୃଷି ପାଇଁ ଯେତେକ ଉପକରଣ ବଡ଼ାମ ଠାକୁରଙ୍କ ଅବଦାନ, ସେଇଥିପାଇଁ ତ କୃଷି ଉପକରଣ ଗୁଡ଼ିକ ଯଥା:- ଲଙ୍ଗଳ ଜୁଆଳି ଭାଙ୍ଗିଗଲେ ବଡ଼ାମ ପାଖରେ ରଖିଦେଇ ଆସନ୍ତି। ଚାଙ୍ଗୁ ବଜାଳି 'ଲଙ୍ଗଳ' ଜନ୍ମ ସମ୍ପର୍କିତ କଥାବସ୍ତୁରେ ଗାଏ –

''ଶୁଣୁଥିବେ କଉତୁକେ ଅପୂର୍ବ ବିଧାନ
କହିବାକୁ ଇଚ୍ଛା ମୋର ଲଙ୍ଗଳ ଜନମ
କେଉଁ ପରି ବଡ଼ାମ ଯେ ଲଙ୍ଗଳ କାଟିଲେ
ଜଙ୍ଗଲ ମଧ୍ୟରେ ଆଣି ଭିଆଇଲେ।
ଦ୍ୱାପର ଯୁଗରେ ବଳରାମ କହିଥିଲା

ନିଝାରୀ ବଡ଼ାମ ମର୍ତ୍ତେ ଅବର୍ତ୍ତନ ହେଲା।''[୩୫]

ବଡ଼ାମ ବଡ଼ାମଣୀ ଚାଷକରି ଖାଇବାକୁ ଈଶ୍ୱର ପାର୍ବତୀଙ୍କ ପାଖରେ ଗୁହାରୀ କଲେ। ଈଶ୍ୱର ପାର୍ବତୀ, ଟାଙ୍ଗିଆ ଓ ତ୍ରିଶୂଳ ଦେଇ ବନ ମଧ୍ୟକୁ ଲଙ୍ଗଳ କାଟି ଆଣିବାକୁ ଆଶୀର୍ବାଦ ଦେଲେ। ବଡ଼ାମ ବନକୁ ଯାଇ ୧୩ ବର୍ଷ ହେଲେ ମଧ୍ୟ ଲଙ୍ଗଳ କାଟି ପାରିଲେ ନାହିଁ। ବଡ଼ାମଣି ବଡ଼ାମକୁ ଖୋଜି ଖୋଜି ପାଇଛନ୍ତି। ବଡ଼ାମଣୀଙ୍କ ଅନୁସାରେ ଲଙ୍ଗଳ କଟା ସରିଛି। ଲଙ୍ଗଳ କଟା ହେବା ପୂର୍ବରୁ ବଡ଼ାମଣୀ କହୁଛନ୍ତି।

''କିସ ଖାଇ ରହିଅଛି ଏ ଘୋର ବନରେ
ପ୍ରାଣ ଯାଏ ଛାଡ଼ି ମୋର ନ ଦେଖିଲେ
ଥରେ ପ୍ରାଣକାନ୍ତ ନ ଦେଖିଲେ ମୋ ମନ ଦୁଃଖିତ।''[୩୬]

ଏହାର ଉତ୍ତରରେ ବଡ଼ାମ କହୁଛନ୍ତି, ବଣରେ ମିଳୁଥିବା ପାଟୁଆ ଆଳୁ ଖାଇ ସେ ବାରବର୍ଷ ହେଲା ରହିଛନ୍ତି। ବଡ଼ାମଣି ରାଗରେ ପାଟୁଆ ଆଳୁକୁ ପିତା ହେବାକୁ ଅଭିଶାପ ଦେଲେ। ଲୋକ ବିଶ୍ୱାସ ଅଛି ଯେ ବଣର ପିତା ଆଳୁ ଅଭିଶାପ ପାଇ ପିତା ହୋଇଛି। 'ପିତା ଆଳୁ'ରେ 'ଆ' କଟିଯାଇ 'ପିତାଳୁ' ହୋଇଛି। ଟାଙ୍ଗୁ ଗୀତରେ ଗୀତାଳୁ ଗାଏ।

''ଆଜି କ୍ରୋଧ ଭର ହୋଇ ଅଭିଶାପ ଦେଲେ
ଆରତୁ ପାଟୁଆ ଆଳୁ ପିତା ହୋଇଯାଇ
ଶାପ୍ୟ ଦେଲେ ପିତା ହୋଇ ରହିଲା ବନରେ।''[୩୭]

ଏହାପରେ ରାଗ ଶାନ୍ତ ହେବାରୁ ଲଙ୍ଗଳ କାଟିବା ପାଇଁ ସାହାଯ୍ୟ କଲେ।

''ଲଙ୍ଗଳ କାଟିବ ତୁମେ ବତାଇ ଦେଇଛି
ବଙ୍କେଇ ହୋଇଣ ମୁହିଁ ଆଡ଼ରେ ଶୋଇଛି
ଦେଖି କରି ଲଙ୍ଗଳ କାଟିବ ହେ ନିଝରି।।
ବଙ୍କେଇ ହୋଇଣ ବଡ଼ାମଣି ଯେ ଶୋଇଲେ।
ଦେଖି ତା ନିଜାରି ତହିଁ ଲଙ୍ଗଳ କାଟିଲେ

ବଙ୍କା କରି ଲଙ୍ଗଳ କାଟିଲେ ନିଝରି।।''(୩୮)

ଲଙ୍ଗଳ ପରେ ବଡ଼ାମ ବଡ଼ାମଣୀ ଈଷ ଓ ଜୁଆଳି କାଟିଲେ।

''ଭଜୁ କାଠକୁ କାଟି ଜୁଆଳି ଚାଞ୍ଛିଲେ
ଶିଶୁପା ବୃକ୍ଷକୁ କାଟି ଈଷକୁ ଚାଞ୍ଛିଲେ
ହରସ ମନେ ଗୃହେ ଚାଲ ଯିବା ବାହୁଡ଼ିଣ।''(୩୯)

'ନିଝାରୀ ରାଜ୍ୟରେ ବାରାହା ଶିକାର' କାହାଣୀକୁ ଚାଙ୍ଗୁଗୀତ ବଜାଳୀ ଗୀତଗାଇ ନାଚେ। ଶିକାର କରିବା ମଧ୍ୟ ଆଦିବାସୀ ବାଥୁଡ଼ି ଜନଜାତିର ଏକ ପରମ୍ପରା ଥିଲା। ଶିକାର କରିବା ପୂର୍ବରୁ ବାଥୁଡ଼ି ଜନଜାତି 'ବଡ଼ାମ' ଠାକୁରଙ୍କ ନାମ ନେଉଥିଲେ।। ଚାଙ୍ଗୁଗୀତରେ ଗୀତାଳୁ ଗାଏ। –

''ଜୟ ଜୟ ତୁମେ ଗଣପତି ବଡାମ
ବାରା ଶିକାର ନିମନ୍ତେ ଡାକି ପ୍ରଜାଗଣ
କାଲି ପ୍ରଭାତ କାଳରେ, ପ୍ରତିଜ୍ଞା କରୁଛି
ବାରା ମାରିବି ସତ୍ୟରେ।''(୪୦)

ବିଚିତ୍ର ରାମାୟଣ, କପଟପାଶା, ମଥୁରା ମଙ୍ଗଳ, ରାମାୟଣ ମହାଭାରତକୁ ମଧ୍ୟ ଚାଙ୍ଗୁ ବଜାଳି ଚାଙ୍ଗୁ ବଜେଇ ଗାଇଥାଏ। ଏଇ ଚାଙ୍ଗୁ ବଜେଇ ନାଚିବା କେବଳ ଯେ ବାଥୁଡ଼ି ଜନଜାତିପାଇଁ ହିଁ ଅଭିପ୍ରେତ ତା' ନୁହେଁ। ଏହି ଚାଙ୍ଗୁ ଗୀତ ଶୁଣି ଦେବତାମାନେ ମଧ୍ୟ ନାଚିଥା'ନ୍ତି।

''ମାନବ ସଂଗତେ ଦେଖ ଦେବତା ନାଚନ୍ତି
କି ଲୀଳା ଆଜି ଲାଗିଛିରେ କି ଲୀଳା ଆଜି ଲାଗିଛି
ଅନ୍ଧାର ରାତିରେ ଦିଶେ ପୂର୍ଣ୍ଣମୀର ଚାନ୍ଦ।''(୪୧)

'ଶାହାଳା ସୁନ୍ଦରୀ' କାହାଣୀରେ ମଧ୍ୟ ବଡ଼ାମଙ୍କ ମହିମାଗାନ କରାଯାଏ। 'ଶ୍ରୀ ବଡ଼ାମ' ମୂଳକ ବିହାରୀ, ସେ ସ୍ରଷ୍ଟା ତାଙ୍କରି ଔରସରୁ ଶାହାଳା ସୁନ୍ଦରୀଙ୍କ ଜନ୍ମ। ଶାହାଳ ସୁନ୍ଦରୀ ପୁରୁଷ ମୁଖ ଚାହିଁବେ ନାହିଁ। ସେହି ହେତୁ ବଡ଼ାମ ଦେଉଳ ତୋଳାଇ ଦେଲେ। ସେଠି ସେ ଅଷ୍ଟାଦଶ ପୋଇଲିମାନଙ୍କ ସହ

କାଳାତିପାତ କଲେ। ପୋଇଲିମାନେ ମନ ଜାଣି ସେବା ସୁଶ୍ରୁଷା କରନ୍ତି, କେହି ନାନା କିସମର ଫୁଲରେ ସଜେଇ ଦେଲାବେଳେ କେହି ଚନ୍ଦନ କସ୍ତୁରୀ କୁକୁମ ଲଗେଇ ଦିଏ। କେହି ପରିହାସରେ ପୟରକୁ ଦେଖା ବୋଲି କହି ବ୍ୟଙ୍ଗ କରେ, କେହି ସରୁ ଅଳତା ଗାର କରିଦିଏ। ହସ, ରସ, ଖେଳ, କୌତୁକ ଭିତରେ ଶାହାଳା ସୁନ୍ଦରୀଙ୍କ ଜୀବନ ଅତିବାହିତ ହୁଏ। ଏହାର କିରତୀ କେବଳ ଅଠର ଦେଉଳରେ ଅଛି ବୋଲି କାହାଣୀରେ ବର୍ଣ୍ଣିତ ହୋଇଅଛି।

''କେବଳ ଚନ୍ଦନ କସ୍ତୁରୀ କେବଳ କୁକୁମ
କେହୁବା କରି ସୁଦେଶ ନାନା ଜାତି କୁସୁମ।
କେହୁ ପରିହାସେ କହଇ ସଖି ଦେଖ ପୟର
ଲେଖିଦେବି ମଞ୍ଜୁ ପାଦରେ ସରୁ ଅଳତା ଗାର।
ହାସ୍ୟ ରସ ଖେଳ କୌତୁକେ ମାତି ସାହାଳା ସତୀ
ଅଠର ଦେଉଳେ ରହିଲେ ଅଛି ତାଙ୍କ କିରତୀ।''(୪୨)

ବଡ଼ାମ ଠାକୁରଙ୍କ ଅଲିଅଳି କନ୍ୟା 'ଶାହାଳା ସୁନ୍ଦରୀ'। ସେ ଆଦର୍ଶ ନାରୀର ତ୍ୟାଗ, ନିଷ୍ଠା ମନରେ ରଖି ଆଜୀବନ କୁଆଁରୀ ଜୀବନ ଅତିବାହିତ କରିବେ ବୋଲି ଆଶା ପୋଷଣ କରିଥିଲା। କିନ୍ତୁ ତାହା ପୂରଣ ହୋଇପାରିଲା ନାହିଁ। ସେ ଅଦ୍ୟପି ଶିମିଳିପାଳ ଠାରେ ଦଣ୍ଡାକୁଆଁରୀ ନାମରେ ପୂଜିତ ହେଉଛନ୍ତି।

''ସେ ସ୍ଥାନେ ରହିଲେଟି ଶାହାଳା ସତୀ
ଏ ଅନ୍ତେ ଶୁଣ ଜନେ ଅନ୍ୟ ଭାରତୀ।''(୪୩)

ଆମୋଦ ପ୍ରମୋଦ ଚାଙ୍ଗୁନୃତ୍ୟର ପ୍ରକୃତ ଉଦ୍ଦେଶ୍ୟ ଥିଲେ ବି ଜନଜାତି ପୂଜା ଉତ୍ସବରେ ଚାଙ୍ଗୁକୁ ଯୋଡ଼ି ଦେଇ ଆନନ୍ଦ ମନରେ ଗାଇଛି। ଗାଇବା ଭିତରେ ରାଧାକୃଷ୍ଣଙ୍କ ପ୍ରେମ, ଗୋପୀମାନଙ୍କ ସହ କ୍ରିଡ଼ା କୌତୁକ, ବଡ଼ାମଙ୍କ ମହିମା କିର୍ତ୍ତନ ସହ ଲୋକବିଶ୍ୱାସ, ଚଳଣି ପରଂପରାକୁ ଚାଙ୍ଗୁଗୀତରେ ଉଜ୍ଜିବିତ ରଖିଛି। ଚାଙ୍ଗୁ ଗୀତ ମାଧ୍ୟମରେ ପୁରୁଷକୁ ଦିବସରେ ପ୍ରେମ

କରିବା ମନା। ସାଧାରଣ ପୁରୁଷ ବ୍ୟକ୍ତି ସହ କୃଷ୍ଣଙ୍କ ରାଧାଙ୍କ ପ୍ରତି ପ୍ରେମର ସମନ୍ୱୟ କରି ବଜାଳି ଗାଏ।

''ଏବେ ପାହିଲା ରଜନୀ
ଶ୍ୟାମ ଛାଡ ଲୁଗାକାନି
ଦିବସରେ ପ୍ରୀତିକରା ପୁରୁଷଙ୍କ ହାନି
ଇନ୍ଦ୍ର ଯେ ଦୁହିତା ତୁଲେ ଅହଲ୍ୟାର ସଙ୍ଗେ ଭୁଲେ
ଗଉତମ ସାପ ଦେଲେ ସହସ୍ରକେ ଯୋନି
... ଶ୍ୟାମ ଛାଡ଼ ଲୁଗା କାନି।''(୪୪)

ବାଥୁଡ଼ି ଜାତିର ଚଳଣି ଭିତରେ ସ୍ତ୍ରୀ ବା ପୁରୁଷ ଉଭୟେ ସକାଳ ପାହିଲେ ଶାଳକାଠରେ ଦାନ୍ତ ଘସନ୍ତି। ଶାଳ ପତ୍ରରେ ଖିଆପିଆ କରନ୍ତି। ଚାଙ୍ଗୁଗୀତରେ ଏହାର ସୁନ୍ଦର ଦୃଷ୍ଟାନ୍ତ ଦେଖିବାକୁ ମିଳେ।

''କାଠିଖଣ୍ଡେ ଭାଙ୍ଗୁଥିଲି ପତ୍ର ଖଣ୍ଡେ ତୋଳୁଥିଲି
ସୁଜୁନା ଶାଗରେ ରଙ୍ଗ ହଳଦୀ ମିଶାନି
ତୋତେ ଦେଖିଲେ ଲାଗେ ଶରଧା
ଚନ୍ଦ୍ରବଦନୀ ରାଧା।''(୪୫)

ନାରୀମାନେ ବେଣୀ ବାନ୍ଧି, ଅଣ୍ଟାରେ ଫୁଲକଣ୍ଟା ପିନ୍ଧନ୍ତି। ଆଖିରେ କଜ୍ଜଳଗାର। ସତେ ଯେପରି ପୂର୍ଣ୍ଣମୀର ଚାନ୍ଦ ଧରାପୃଷ୍ଠକୁ ଓହ୍ଲେଇ ଆସିଛି। ସେଇ ଚାନ୍ଦକୁ ଦେଖିଦେଲେ ଦୁଃଖ ହରଣ ହୋଇଯିବ।

''ଆଖିରେ କଜଳଗାର ଦିଶୁଅଛି କି ସୁନ୍ଦର
ପୂର୍ଣ୍ଣମୀ ଚାନ୍ଦପରି ମୁଖ ତାହାର
ମଥାରେ ବାନ୍ଧିଛି ବେଣୀ ଫୁଲକଣ୍ଟା ଅଣ୍ଟେ ପୁଣି
ତାକୁ ଦେଖିଲେ ହରେ ଦୁଃଖ ମୋହନ।''(୪୬)

କୃଷ୍ଣକୁ ବ୍ୟଙ୍ଗ ଓ କଟାକ୍ଷ ଭିତରେ ଦିନଟି ଅତିବାହିତ ହେଉଛି। ରାଧାଙ୍କ ସଖୀଗଣ କୃଷ୍ଣକୁ ଦେଖି ଅନୁମାନ କରୁଛନ୍ତି, କୃଷ୍ଣ ନିଶ୍ଚେ ସାକ୍ଷାତ କରିବାକୁ ଚାହୁଁଛି। ସେଥିପାଇଁ ସେମାନେ କଟାକ୍ଷରେ ଅନୁନୟ କରି କହୁଛନ୍ତି। –

''ଫେରି ଯା' ଫେରି ଯା' ଶ୍ୟାମ
କୁଞ୍ଜକୁ ନ ଯା' ଲୋ
ଆମ ଶ୍ରୀମତୀ ଶୟନେ ନିଦ୍ରା ନ ଭଞ୍ଜଲୋ
ଶୋଇଛନ୍ତି ସଖୀଗଣ ନ କରିଣ ଅନୁମାନ
ତୁ ତାଙ୍କ ପାଖକୁ ଗଲେ ପାଇବେ ଲଜ୍ଜା ଲୋ।''(୪୭)

କୃଷ୍ଣଙ୍କ ରୂପ ବର୍ଣ୍ଣନା ବି ଚିତ୍ତାକର୍ଷକ। ସାଧାରଣ ମଣିଷ ପରି ସେ ପ୍ରତ୍ୟୟମାନ ହୋଇଛନ୍ତି। କଠଉ, ଶିକା ଓ ବାହାଙ୍ଗି ଏସବୁ ବାଥୁଡ଼ି ସମାଜରେ ଦେଖିବାକୁ ମିଳେ। ଘରେ ଘରେ ଶିକା ଓ ବାହାଙ୍ଗିର ବ୍ୟବହାର ଚାଙ୍ଗୁଗୀତରେ ପ୍ରତିଫଳିତ ହୋଇଛି।

''ଶିକା ବାହାଙ୍ଗି ସଜଡ଼ା
ସହଜେ କଠଉ ମଡ଼ା
ବେଣୀ ରୂପେ ବାନ୍ଧେ ଜୁଡ଼ା ମୟୁର ଚୂଳ।''(୪୮)

ଚାଙ୍ଗୁଗୀତରେ ପ୍ରଥମେ ବଡ଼ାମ ବନ୍ଦନା ଓ ପରେ ଅନ୍ୟାନ୍ୟ ଦେବଦେବୀ ବନ୍ଦନା ସହିତ ସାମାଜିକ କଥାବସ୍ତୁ, ପୌରାଣିକ କଥାବସ୍ତୁ, ଐତିହାସିକ କଥାବସ୍ତୁର ଉଲ୍ଲେଖ ହୋଇଥାଏ। ବେଳେବେଳେ ଚାଙ୍ଗୁ ବଜାଳିମାନେ ଆଧୁନିକ ଭଜନକୁ ବଡ଼ାମଙ୍କ ନାମରେ ଅନୁକରଣ କରି ଗାଇଥା'ନ୍ତି, କିନ୍ତୁ ବଡ଼ାମ ପୂଜା ସ୍ଥଳୀ ହେଉ କିମ୍ବା ଅନ୍ୟାନ୍ୟ ସ୍ଥଳରେ ପ୍ରାୟତଃ ସର୍ବତ୍ର 'ସିରିରାମ ରାମ ତିଳେ ସିରିରାମ ରାମ' ଗୀତଟି ଦେଖିବାକୁ ମିଳେ। ଏହା ସହିତ ପାରିପାର୍ଶ୍ୱିକ ସ୍ଥିତିର ଘଟଣାଗୁଡ଼ିକ ମଧ୍ୟ ଚାଙ୍ଗୁ ବଜାଳିଠାରୁ ପୃଥକ ହୋଇପାରେନା। ଏହା ଭିତରେ ସେ ବଡ଼ାମ ବନ୍ଦନା ସହିତ ଦେବୀ ଦୁର୍ଗାଙ୍କୁ ମଧ୍ୟ ବନ୍ଦନା କରେ। ବନ୍ଦନା କରୁ କରୁ ମହାଭାରତର ପ୍ରବାଦକୁ ମଧ୍ୟ ଛାଡ଼ି ଦିଏନି। ସେ ଗାଏ –

''ବନ୍ଦୁଛି ଦେବି ଦୁର୍ଗା ବନ୍ଦୁଛି ଦେବି ଦୁର୍ଗା କର ସୁଦୟା ଯେ ନାମ ଅଭୟ
ଆଉ କିଚକ ବାହୁବଳ ବିରାଟ ଗଳ ହେ କିଚକ ବାହୁବଳ ବିରାଟ ଗଳ।''(୪୯)

ଚତୁପାର୍ଶ୍ୱରେ ଥିବା ହୁଲି ଅର୍ଥାତ୍ ଛୋଟ ପାହାଡ଼, ପଶ୍ଚିମ ଦିଗରେ କୁଶଭଦ୍ରା ନଦୀ, ନଦୀ ପାଖେ ସମୀବୃକ୍ଷ, ସମୀ ବୃକ୍ଷରେ ପଞ୍ଚ ପାଣ୍ଡବଙ୍କ ଅସ୍ତ୍ରଶସ୍ତ୍ର ଲୁକ୍କାଇତ ଥିଲା। ବଡ଼ାମ ବନ୍ଦନା ସହ ମହାଭାରତର ଉପଖ୍ୟାନକୁ ସୁନ୍ଦର ଭାବେ ଚିତ୍ରଣ କରିବାରେ ବାଥୁଡ଼ି ସିଦ୍ଧହସ୍ତ। ଆଞ୍ଚଳିକ ସ୍ଥାନକୁ ଉଲ୍ଲେଖ କରି ତା'ର ସ୍ଥିତିକୁ ମଧ୍ୟ ଜାହିର କରି କୁହେ -

''ମ ଘର ସାଇଁକୁଳା ବ୍ରାହ୍ମଣ ସାଇଁ
ମ ଘର ସାଇଁ କୁଳା ବ୍ରାହ୍ମଣ ସାଇଁ
ଏ ଗୀତ ହରେ କିସଟଁ ଏ ଗୀତ ହରେ କିସଟଁ ରଚନା
ସେହି ଜେ, ନୁହେଁ କଳନା।''(୫୦)

ସିଏ ରାମ, ସିଏ କୃଷ୍ଣ, ସିଏ ବଳରାମ, ସିଏ ପୁଣି ବଡ଼ାମ ଠାକୁର। ଏମାନେ ଭିନ୍ନ ନୁହନ୍ତି। ଏମାନଙ୍କ ପାଇଁ ଫୁଲଚନ୍ଦନ, ଉଆଚାଉଳ, କଞ୍ଚା କ୍ଷୀରର ଆବଶ୍ୟକତା ରହିଛି। 'ବଡ଼ାମ' ହେଉଛନ୍ତି ସର୍ବଦେବତା। ସେ ବଡ଼ାମ ବୁଢ଼ା, ସେ ବଡ଼ାମ ବୁଢ଼ୀ। ଯିଏ ଯେଉଁ ପ୍ରକାର ତାକୁ ସ୍ମରଣ କରିପାରିଲା। ବଡ଼ାମର ପୁଅ, ବଡ଼ାମର ବହୁ, ବଡ଼ାମର ନାତି, ବଡ଼ାମର ନାତୁଣି କହି ତାକୁ ସବୁ ସମ୍ପର୍କରେ ଡୋରୀରେ ବାଥୁଡ଼ି ବାନ୍ଧି ଦେଇଛି। ଏହି ଗୀତରେ ଗୋଟେ ଘୋଷାକୁ ମଧ୍ୟ ବାରମ୍ବାର ମଝିରେ ମଝିରେ ଗାନ କରାଯାଏ। ଯାହାର କୌଣସି ଅର୍ଥ ନାହିଁ। ଯଥା:-

''ସାରିରେ ସୁଆ ରାମ ଭଜୁଛି
ଚାର୍‌ଘର ଭାଆର ହିରା ମାଣିରକ ଜଳୁଛି ସୁଆରାମ ଭଜୁଛି।''(୫୧)

ଶୁଆଟି ରାମ ନାମ ନେଉଛି, ଅନ୍ୟ ଘରେ ବାହାରେ ହିରାମାଣିକ ଅର୍ଥାତ୍ ଦୀପ ଜଳୁଛି। ଦୀପ ଜଳିବା ଓ ଶୁଆ ରାମ ନାମ ନେବା ସାମଞ୍ଜସ୍ୟ ନ ଥାଇପାରେ କିନ୍ତୁ ଏ ଦୁଇଟି ପଦ ସୁନ୍ଦର ଲାଗିବାପାଇଁ ଚାଙ୍ଗୁ ବଜାଳିର ପ୍ରୟାସ ମନ୍ଦ ନୁହେଁ।

ଘରର ବଗିଚାରେ ଲଙ୍କା, ବୋଇତି କଖାରୁ, ସାରୁ, ଭେଣ୍ଡିର କ୍ଷେତ। ବୋଇତି କଖାରୁ ଗଡ଼ି ଗଡ଼ି ହାଣ୍ଡିଶାଳାକୁ ଯାଏ। ଅର୍ଥାତ୍ ଚୂଲି ପାଖକୁ ରନ୍ଧା ହେବା ପାଇଁ ଯାଏ –

''ଚାରଘର ଭାଆର ହିରା ମାଣିକ ଜଳୁଛି, ମାର୍ ମାର୍
ଭୁଇଁତାଳୁକେ ଗଡ଼ି ଗଡ଼ିଗଲା ହାଣ୍ଡିସାଲ୍‌କେ
ଏତିକି ଜାଣୟ ତେତ୍‌କି ଜାଣୟ
ପାତାଳେ ପଡ଼ଇନା
ବଡ଼ାମ ଗୀତ ଅଢ଼େଇ କଲି, ଦେଉଛି ମେଲାଣିନା
ଏ ସାରିରେ ସୁଆ ରାମ ଭଜୁଛି
ଚାର୍‌ଘର ଭାଆର ହିରାମାଣିକ ଜଳୁଛି।''(୫୨)

ଚାଙ୍ଗୁଗୀତରେ ମଧ୍ୟ କୃଷ୍ଣଙ୍କ ରାସଲୀଳା କଥା ବର୍ଣ୍ଣିତ ହୋଇଥାଏ। ବାଥୁଡ଼ିମାନଙ୍କ 'ସଙ୍ଗାତ' ସମ୍ବୋଧନ ଏକ ମଧୁର ସମ୍ବୋଧନ। ନିଜ ସଙ୍ଗାତକୁ ସବୁ କ୍ଷେତ୍ରରେ ନିମନ୍ତ୍ରଣ କରେ। ଗାଧୋଇଗଲାବେଳେ, କୁଣିଆ ଗଲେ, ପତ୍ର ତୋଳିଗଲେ ଏପରିକି ପୁଷ୍ପ ତୋଳିବାକୁ ଗଲାବେଳେ ମଧ୍ୟ 'ସଙ୍ଗାତ'କୁ ସେ ଛାଡେନି। ମହାଭାରତର ଗୋପୀନାରୀମାନେ କୃଷ୍ଣଙ୍କ ପାଇଁ ଫୁଲ ତୋଳିଲେଣି। ସେମାନେ ମଧ୍ୟ ତୋଳିବାକୁ ଯିବା ଉଚିତ୍। ମହାଭାରତର କୃଷ୍ଣକଥା ଓ ବର୍ତ୍ତମାନର ସାଧାରଣ ଚଳଣିରେ ଆସିଛି ଏକ ପ୍ରକାରର ସମୟ। କିଛି ବି ବ୍ୟବଧାନ ନାହିଁ। ତାଙ୍କ ସାମ୍ନାରେ କୃଷ୍ଣ ଅଛନ୍ତି। କୃଷ୍ଣଙ୍କ ରୂପ ବର୍ଣ୍ଣନାରେ କୃଷ୍ଣଙ୍କ ଆଖି ମିଟିମିଟି, ଦାନ୍ତ କିଟି କିଟି ରୂପେ ଚିତ୍ରଣ କରାଯାଇଛି।

''ସହଳାରେ ରଙ୍ଗ ଜୁଳି
ଆଖି ମିଟି ମିଟି ଦାନ୍ତ କିଟି କିଟି
ଆଖି ମିଟି ମିଟି ଦାନ୍ତ କିଟି କିଟି
ଦେଖି ମରିଲିରେ ରସ ଯୁବତି
ଚୁପି ହସରତନ।''(୫୩)

କୃଷ୍ଣଙ୍କ ରୂପରେ ମୁଗ୍ଧ ବ୍ରଜନାରୀମାନେ ବିମୋହିତ ହୋଇ ଯାଇଛନ୍ତି । ସେଇ ଗୋପୀମାନଙ୍କ ସହ ଅଛନ୍ତି ରାଧିକା । ରାଧିକାକୁ ଦେଖି କୃଷ୍ଣ ହସି ଦିଅନ୍ତି । ସେଇ ହସ ରାଧିକାର ହୃଦୟରେ ଛାପଟିଏ ସୃଷ୍ଟି କରେ । ଏପଟେ ଦୁଇ ସଙ୍ଗାତ ରାମଙ୍କ ଚରଣରେ ପାଦସେବା କରି ଦିନ ବିତାନ୍ତି । ରାମ ଓ ବଡ଼ାମ ଏକ, ସବୁଠି ଦେବଙ୍କ ଆସ୍ଥାନ ।

କୃଷ୍ଣକୁ ଗୀତାଳୁ ସାଧାରଣ ଯୁବକଟିଏ ପରି ଗଢ଼ି ତୋଳେ । ସେ ରସିକ ନାଗର । କଦମ୍ବ ମୂଳରେ ବସି ବଂଶୀ ବଜାଏ । ସାଧାରଣ ପୁରୁଷ ବେଶରେ ବାଥୁଡ଼ି କୃଷ୍ଣକୁ ଅନୁଭବ କରେ । ପରୋକ୍ଷରେ ତା'ର ଗୀତ କୃଷ୍ଣକୁ ଆକ୍ଷେପ କରେ ଆଉ ଗାଏ –

''କ' କୁଦୁମ୍ ମୁଳେ କିଏ ଦେଇଛି
କ କୁଦୁମ ମୁଳେ କିଏ ବଇଛି
ତୁମରି ପରି ଝଣେ, ତୁମରି ପରି ଝଣେ ଦିସୁଛି ।''(୫୪)

କୃଷ୍ଣଙ୍କ ନାମ ନାହିଁ ସତ, କିନ୍ତୁ ତାକୁ ପରୋକ୍ଷରେ ଗୀତରେ ଗୀତରେ ଗୀତାକୁ ଗାଇ ଚାଲିଛି । ଏଠି କୃଷ୍ଣ ଦେବ ସ୍ତରରୁ ମାନବୀୟ ସ୍ତରକୁ ଓହ୍ଲାଇ ଆସିଛନ୍ତି । ସୁନାପରି ଦେହଟି ପିତଳ ହୋଇଛି । ଯାହା ପାଇଁ ଘାଟକୁ ଜଗିଛି, ସେ ରାଧିକା । ରାଧିକା, ଭାଉଜ ଦିଅରମାନଙ୍କ ଗଞ୍ଜଣାକୁ ଭୃକ୍ଷେପ ନକରି କୃଷ୍ଣକୁ ଭେଟେ । ସେଇ କଦମ୍ବ ମୂଳରେ କୃଷ୍ଣଙ୍କ ଆସ୍ଥାନ । ଗୀତାଳୁ ଗାଏ –

''ଦିଅର ଗଞ୍ଜଣା
ଭାଉଜ ଗଞ୍ଜଣା ଜେ
ସଇନ ପାରଇ ଗ
କୁଦୁମ୍ ମୁଳେ କିଏ ବଇଛି
ତୁମରି ପରି ଝଣେ ତୁମରି ପରି ଝଣେ ଦିସୁଛି
କ କୁଦୁମ୍ ମୁଳେ କିଏ ବଇଛି ।''(୫୫)

ନାରୀ ନିଜ ସ୍ୱାମୀ ବିନା ଚଳିପାରେନା। ସ୍ୱାମୀ ବିଦେଶରେ ରହିଛି। ଏପଟେ ନାରୀଟି ସ୍ୱାମୀ ବିଚ୍ଛେଦରେ ମନ ଓ ଶରୀର ଦୁର୍ବଳ କରିଦେଇଛି। ତା'ର ଯେଉଁ ବ୍ୟଥା କେବଳ ସେ ହିଁ ଜାଣେ। ତେଣୁ ସମାଜରେ କଥାରେ ଅଛି ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି, ମନ ପୋଡ଼ିଗଲେ କେହି ଜାଣନ୍ତି ନାହିଁ। ଏହି କଥାକୁ ଗୀତାଳୁ ଗାଏ –

''ବନ ଫୁଡ଼ିଗନେ ସମତେ ଜାଣନ୍ତି
ହୃଦ ପୁନେ କିଏ ଜାଣିବ।''(୫୬)

(ବନ-ବଣ, ଫୁଡ଼ିଗନେ-ପୋଡ଼ିଗଲେ, ପୁନେ-ପୋଡ଼ିଲେ)

ଯୁବତୀ ସ୍ତ୍ରୀର ଯୁବକ ସ୍ୱାମୀ, ସେହି ସ୍ୱାମୀଙ୍କ ବିନା ସେ ଆଜି ଛଟପଟ ହେଉଛି। କେବେ ସେହି ସୁଦିନ ବା ସୌଭାଗ୍ୟପ୍ରାପ୍ତ ହେବ, କେବେ ତା' ସ୍ୱାମୀଟିକୁ ପାଖରେ ପାଇବ ?

''ବନ ଫୁଡ଼ିଗନେ ସମସ୍ତେ ଜାଣନ୍ତି,
ହୃଦ ପୁନେ କିଏ ଜାଣିବ
କହେ ସଦାନନ୍ଦ ମନରେ ବିସାଦ
ସତେ କି ସୁଭାଗ ହଇବ
ମତେ ନାରିକେଲା ଆଣି ଦଇବ।''(୫୭)

ଏସବୁ ଭିତରେ ଯୁବତୀ ସ୍ତ୍ରୀ ସୁଗତି ବିଛଣା ସଜେଇ ମିଛରେ ମିଛରେ ସେ ଖାଇ ଜାଇ ହୁଏ। ଏଭଳି ଗୀତ ଚାଙ୍ଗୁଗୀତରେ ମଧ୍ୟ ଦେଖିବାକୁ ମିଳେ।

ଚାଙ୍ଗୁବଜାଳୀ ସଙ୍ଗାତମାନଙ୍କୁ ନାନୀ ବୋଲି ସମ୍ବୋଧନ କରନ୍ତି। ସେଇ ଯୁବତୀମାନଙ୍କ ଉଦ୍ଦେଶ୍ୟରେ ଚାଙ୍ଗୁବାଦ୍ୟ ବଜାଉ ବଜାଉ ଗାଇ ଉଠେ –

''ଚାଙ୍ଗୁ ବାଜେ ଘାଉଁ ଘାଉଁ ନାନିଲ ମର
ଚାଙ୍ଗୁ ବାଜେ ଘାଉଁ ଘାଉଁ ନାନିଲ ମର
ଖାଇବେ ମାଇଁସ ଟେଲେ ନାନିଲ ମର
କାଲିକେ ଆସିବେ ଚାହା ଖାଇ ନାନିଲ ମର।''(୫୮)

ଗୀତ ମାଧ୍ୟମରେ ଯୁବତୀମାନଙ୍କୁ ଯୁବକ ନିଜ ଘରକୁ ଡାକେ। ଘରେ ଚାହାପାଣି ଦେବ। ଖାଇବାକୁ ମାଂସ ତରକାରୀ ଦେବ। ତାକୁ ସେ ସ୍ୱାଗତ କରି ଅଭ୍ୟର୍ଥନା କରିବ। ପୁଣି ଏଥିରେ କିଛି ଏମିତି ଥାଏ, ଯାହା ପଦ ସହ ପଦର ମେଳ ଖାଏନି। କିନ୍ତୁ ବେଳେବେଳେ ତା'ର ଅର୍ଥର ରହସ୍ୟ ଜଣାପଡ଼େ। ଚାଙ୍ଗୁ ନାଚ ଓ ଗୀତ ଉତ୍ସବକୁ ଅନେକ ଯୁବତୀଙ୍କ ଆଗମନ, ତାଙ୍କ ଉଦ୍ଦେଶ୍ୟରେ ପୁଣି ବୁଢ଼ୀ ସମ୍ବୋଧନ କରିନେଇ ଛାଡ଼ି ଆସିବା ପାଇଁ ନିଜ ତରଫରୁ ବଜାଳି ସୁଯୋଗ ଦିଏ। ସେ ଗାଏ –

''ମଲିଫୁଲ ଦନାଦନା କେତକି ନାନିଲ
ପିନ୍ଧିନେ ଜାଣିବେ ସିନା କେତକି ନାନି
ମର ଚାଙ୍ଗୁ ଘାଉଁ ଘାଉଁ ନାରେ ଚାଙ୍ଗୁ ଘାଉଁ ଘାଉଁ
ଚାଲ୍‌ରେ ବୁଢ଼ୀ ନେଇ ଛାଳିବି ବେଳ ଥାଉଁ ଥାଉ ?''(୫୯)

(ଦନା – ଚଉପଦି, କେତକି – ନାମ ବିଶେଷ୍ୟ, ବେଳା – ବେଳ)

ବର୍ଷସାରା ବାଥୁଡ଼ି କିଛି ନା କିଛି କାମରେ ନିୟୋଜିତ ଥାଏ। ସେ କ୍ଲାନ୍ତ ହୁଏନି। ହିନ୍ଦୁ ଧର୍ମର ଦେବଦେବୀଙ୍କୁ ମଧ୍ୟ ସେ ପୂଜା କରେ। ସେଥିପାଇଁ ବଡ଼ାମକୁ ସେ ବଳରାମ ଠାକୁର, ରାମ ଓ ଜଗନ୍ନାଥ ଠାକୁର ସହ ମିଶେଇ ଦିଏ। ଶ୍ରାବଣ ମାସରେ ଧାନ ବିଲ ରୁଆ ବିହିଡ଼ା ହୁଏ। ବାଥୁଡ଼ି ନାରୀ କେବେ ବସି ପାରେନି। ଚାଙ୍ଗୁ ଗୀତରେ ସେ ଗାଏ –

''ଇନ୍ଦିର ଦେବତା ଢାଳିଦେଲା ମେଘ
ବିଲରେ ନାଗିଲା ପାଣି
ଧରା ସିରାବଣ ରୁଆ ବିହିଡ଼ା ଲ
ମାସ ହେଲା ନେଉଟାଣି।''(୬୦)

ବାଥୁଡ଼ି ସବୁବେଳେ କର୍ମତତ୍ପର। ତଥାପି ସେ ଭଲଖାଇ ପାରେନି କି ଭଲ ଲୁଗାଟିଏ କିଣି ପାରେନି। ସାହୁକାର ପାଖରୁ ଆଣିଥିବା ଧାନ ଅମଳ ପରେ ସୁଝିଦିଏ। ନିଜ ପରିବାର ପାଇଁ ଚାଙ୍ଗୁ ଗୀତରେ ସେ ଗାଏ –

''କାର୍ତ୍ତିକରେ ହେଲା ଗର୍ଭଣା ସଂକ୍ରାନ୍ତି
ସଦ ଖାଏ ନଖମୀ ମା,

ଛୁଆ କୁଟୁମ୍ବର ଦାନା, କନା, ନାଗି
ଦେବି ମା, ଥରେ ଚାହାଁ।''(୬୧)

ଭାଦ୍ରବ, ଆଶ୍ୱିନ ମାସରେ କାର୍ତ୍ତିକ ପୂଜା, ଦେବୀ ଦୁର୍ଗା ମା'ଙ୍କ ପୂଜା, ପୁଷରେ ଧାନ କ୍ଷେତ ବଢ଼ିବାର ଦୃଶ୍ୟ, ମାଘରେ ମକର ପର୍ବ, ମକର ପର୍ବରେ ନୂଆ ଲୁଗା, ପିଠାପଣା ମାଛ ମାଉଁସର ଆପ୍ୟାୟିତ ଅଭ୍ୟର୍ଥନା, ମିତ, ସଙ୍ଗାତ, ଫୁଲ ବସିବାର ଭଲ ବେଳା, ଫଗୁଣରେ ଆମ୍ବ ବଉଳର ମହକ, ଏସବୁର ପ୍ରତିଟି ଦୃଶ୍ୟ ଚାଙ୍ଗୁ ବଜାଳୀର ଗୀତରେ ଛାଡ଼ି ଯାଏନି। ତେଣୁ ସେ ଗାଏ –

''ମିତ ସଙ୍ଗାତର କାନ ଫୁଲା ଘରେ
ଜମକେ ମକର ହାଟ
ମେଳା ମଉଛବ ମକର ଧାଉଁଳି
ପରବ ହଟ ଚମଟ।''(୬୨)

ମୟୁରଭଂଜର ରାଜାଙ୍କୁ ସେ ଚାଙ୍ଗୁ ଗୀତରେ ବନ୍ଦନା କରେ। ରାଜାଙ୍କ ସାହସ, ଯୁଦ୍ଧ କୌଶଳ, ଯୁଦ୍ଧ ଜୟ କରିଥିବାର ଗୁଣଗାନ ବାଥୁଡ଼ି ଚାଙ୍ଗୁଗୀତରେ କରିଛି। କି ସେନାପତି, କି ମନ୍ତ୍ରୀ, କି ସୈନ୍ୟସାମନ୍ତ, ଏସବୁ ବ୍ୟତୀତ କୁଲି ଶ୍ରମିକମାନେ ମଧ୍ୟ ରାଜାଙ୍କୁ ଯୁଦ୍ଧରେ ସାହାଯ୍ୟ କରିବାକୁ ଆଗେଇ ଯାଇଛନ୍ତି। ଚାଙ୍ଗୁଗୀତରେ ଅଛି –

''ଆଗେ ଆଗେ ଚାଲେ ମୁଲିଆ କୁଲି
ତାହାର ପଛରେ ଢଲ ମହୁରି
ଶଙ୍ଖ ବାଜେ ଘୁରି ଫେରି
ଧନ୍ୟ ଧନ୍ୟ ମୟୁରଭଂଜ ରାଜା ବାହାଦୁରି
ତିର ବାଇଁସ ଛେଲିଆ ଟାଙ୍ଗି
କିଏ ମାରେ କୁଆ କୁଲି
ମୟୁରଭଞ୍ଜ ରାଜା ଦଣ୍ଡବତ ତାଙ୍କୁ।''(୬୩)

ସେହିପରି କୃଷ୍ଣଙ୍କ ଅଝଟ, ଚପଳ ସ୍ୱଭାବ, ରସିକପଣ ଚାଙ୍ଗୁଗୀତରେ ଦେଖିବାକୁ ମିଳୁଥିଲାବେଳେ ରାମାୟଣର ରାମଚନ୍ଦ୍ରଙ୍କ ଗୁଣଗାନ ଚାଙ୍ଗୁଗୀତରେ କରିବା ଗୀତାଳୁ ଛାଡ଼ିପାରେନି। କୈକେଇଙ୍କ ପାଇଁ ରାମଚନ୍ଦ୍ର ୧୪ ବର୍ଷ ବନବାସ ଯିବେ, ରାତି ପାହିଲେ ରାଜସିଂହାସନରେ ଅଭିଷିକ୍ତ ହୋଇଥାନ୍ତେ। ପ୍ରଜାଗଣ ଖୁସି ମନେଇଥା'ନ୍ତେ। ମାତ୍ର ଭାଗ୍ୟର ବିଡ଼ମ୍ବନା ରାମଚନ୍ଦ୍ର ୧୪ ବର୍ଷ ବନବାସ ଗଲେ। ପ୍ରଜାକୁଳ ରାମଚନ୍ଦ୍ରଙ୍କ ବନବାସ ଯିବାବେଳେ ମ୍ରିୟମାଣ ହୋଇ ପଡ଼ିଛନ୍ତି। ଚାଙ୍ଗୁଗୀତରେ ବୋଲାଯାଏ –

''ରାମଚନ୍ଦ୍ରରେ ଛାଡ଼ି ବନକୁ ଯା,
ଆଜି ଅଯୋଧ୍ୟାରେ କାଲି ଅଯୋଧ୍ୟାରେ
ହୋଇବୁ ରଜା। ରାମଚନ୍ଦ୍ରରେ
ଚଉଦ ବରସ ଯିବୁ ବନବାସ
କାନ୍ଦୁଛନ୍ତି ରାଜା ପରଜା ରାମଚନ୍ଦ୍ରରେ
ମାତା କଇକେଇ ଯେ କରି ସଡଯନ୍ତ୍ର
ବନେ ପଠାଇଲା ତତେ ବନେ ପଠେଇଲା
ଭାଗ୍ୟ ବିଧାତା ରାମଚନ୍ଦ୍ରରେ
ଚଉଦ ବରସ ଯିବୁ ବନବାସ
ନାଗମଣି ବିସ ମତେ ଦେଇ ଯା' ରାମଚନ୍ଦ୍ରରେ ...''[୬୪]

ଏହି ଜନଜାତି ରାମାୟଣକୁ ଗୀତ ଆକାରରେ ବୋଲେ। ଏହି ବୋଲିବାରେ ତା'ର ଆନନ୍ଦ। ଦୋଳିଗୀତରେ ହେଉ କିମ୍ବା ଚାଙ୍ଗୁଗୀତ ଉଭୟରେ ସେ ରାମକୁ ବଡ଼ାମ ବୋଲି ବିଶ୍ୱାସ କରେ। ତେଣୁ ସେ ଚାଙ୍ଗୁଗୀତରେ ରାମଙ୍କ 'ଧନୁ ଧାରଣ'କୁ ଗାଏ।

''ଡାକିଲେ ପିତା ମରତ ସଭାକୁ ଚାହିଁ
ଡ଼ିଙ୍ଗର ରାଜିମାନେ କେ ଅଛ ରହି।
ପ୍ରେମ ଧନୁ ଧଇଲେ ସେ ନକୁ ପତି

ଆଣଧନୁ କଦଣ୍ଡ ଦେଖିବା ବଲନ୍ତି।’’(୬୫)

ସେଇ ରାମ ପୁଣି କୃଷ୍ଣ ହୋଇ ଷୋଳ କଳାରୁ ଷୋଳ ଖଞ୍ଜା ହୋଇ ପଡୁଛନ୍ତି। କୃଷ୍ଣ ସାଧାରଣ ଗଉଡ଼ ପରିବାରର ବାଳକ। ସେ ନିକୁଞ୍ଜ ବନକୁ ଗଲାବେଳେ, ତାକୁ ସାପ ଦଂଶନ କରୁଛି। ସେଥିପାଇଁ ରାଉଳିଆ ବା ଗୁଣିଆକୁ ଡକରା ହଉଛି। ଏହା ବାଥୁଡ଼ି ଜନଜାତିର ସମାଜିକ ଚିତ୍ର ବହନ କରେ। ଯଥା:-

‘ଦେଖ ଷୋଳ ଖଂଜା ହୋ, ... ଷୋଳ ଖଂଜା
ଆହା ମୋର ଯାଉ ଫିଟି।
ବାଟର ଡାଳୁଆ ନାଗ ଡାଳେ ଥିଲା
ହୋ ଖେଳୁଥିଲା ଆହା ଶୋଇଥିଲା
ଦେଖ ମୋର ପ୍ରିୟ ହୋ ...
ମୋ ପ୍ରିୟ ଗୁଣ ମଣିକି, ସେ ଦଂଶିଦେଲା
କାହିଁ ଅଛି ରାଉଳିଆ ଡାକି ଆଣରେ ...
ତାକୁ ଖୋଜି ଆଣ ... ହୋ
ତାକୁ ଡାକି ଆଣ,
ନଉ ପଛେ ଧନ ଦର୍ପ ରଖୁ ପ୍ରାଣ
ଆହା ... ରଖୁ ପ୍ରାଣ।’’(୬୬)

ସେଇ କୃଷ୍ଣ ପୁଣି ପାଣ୍ଡବମାନଙ୍କ ସପକ୍ଷରେ ରହି ପାଣ୍ଡବମାନଙ୍କୁ ସାହାଯ୍ୟ କରନ୍ତି। କପଟ ପାଶାରେ ପାଣ୍ଡବମାନଙ୍କ ଅଗ୍ରଜ ଯୁଧିଷ୍ଠିର ପରାସ୍ତ ହୋଇ ସମସ୍ତ ରାଜ୍ୟ ଓ ଧର୍ମପତ୍ନୀକୁ ହରାଇ ବାରବର୍ଷ ବନବାସ ଶେଷକରି ଏକ ବର୍ଷ ଅଜ୍ଞାତ ବନବାସ କରନ୍ତି। ଅଜ୍ଞାତ ବନବାସ କାଳରେ ସମୀବୃକ୍ଷ କୋଟରରେ ଅସ୍ତ୍ରଶସ୍ତ୍ର ରଖି ବିରାଟ ରାଜାଙ୍କ ଅଧିନରେ ଆତ୍ମଗୋପନ କରିଥିଲେ। ଗୋଧନ ହରଣ ସମୟରେ ବୃହନ୍ନଳା ବେଶରେ ଅର୍ଜୁନ ଦ୍ୱିତୀୟ ରାଜକୁମାର ଯୁବରାଜ ଉତ୍ତରାଙ୍କ ରଥରେ

ସାରଥି ହୋଇ କୁରୁମାନଙ୍କ ସହ ଯୁଦ୍ଧ କରିଥିଲେ। ଏହି ଯୁଦ୍ଧରେ ଉତ୍ତରା ବିଜୟ ହୋଇଥିଲେ, ପରେ ବିରାଟ ରାଜକୁମାର ପାଞ୍ଚପାଣ୍ଡବଙ୍କୁ ଚିହ୍ନିପାରି ମହାଭାରତ ଯୁଦ୍ଧ ଶେଷ କାଳରେ ଶ୍ୱେତ ମକର ସଂକ୍ରାନ୍ତି ଦିନ ନାରାୟଣଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞ କରିଥିଲେ। ବର୍ତ୍ତମାନ ଏହି ମେଳା ମକର ସଂକ୍ରାନ୍ତିର ସାତଦିନ ବ୍ୟାପି ଚଳି ଆସୁଅଛି। ଏହି ସମୀବୃକ୍ଷର ଅବସ୍ଥିତି ଚାଙ୍ଗୁଗୀତରେ ମଧ୍ୟ ବର୍ଣ୍ଣନା ରହିଛି। ଯଥା:-

''ହେ ଘେରି ରହିଛି ଦେଖ ଘେରି ରହିଛି ଦେଖ ହୁଳି ପାହାଳ
ଆଉ ପଛିମ ଦିଗରେ ସେ ସମ୍ମୁଖ ରହି
ହେ ପଛିମ ଦିଗରେ ସେ ସମ୍ମୁଖ ରହି
ତା' ପାଖେ ଖୁସୁବୁହା ତା' ପାଖେ ଖୁସୁବୁହା ନଦି ବୁହଇ ଜେ
ତା'ପାଖେ ଖୁସୁବୁହା ନଦି ବୁହଇ ଯେ ପାଟମଣ୍ଡାଇ
ଆଉ ପୁଡ଼ାଡ଼ିହାମ ଗ୍ରାମ ନିଜାମ ସ୍ଥାନ।
ପଞ୍ଚୁ ପାଣ୍ଡବ କରି ପଞ୍ଚୁ ପାଣ୍ଡେବ କରିଛନ୍ତି
ଆସ୍ତନଜେ ସେହୁ ଆସ୍ତାନ।''[୬୭]

ଚାଙ୍ଗୁ ଗୀତରେ ପଥମେ ବଡ଼ାମ ଗୀତ ଓ ଅନ୍ୟାନ୍ୟ ଦେବ ଦେବୀ ଗୀତ ପରେ ପରେ କେହି କେହି ସାମାଜିକ ମୂଳକ ଗୀତ ବୋଲିଥାନ୍ତି। ବେଳେବେଳେ ଚାଙ୍ଗୁବଜାଳୀମାନେ ଯୁବତୀମାନଙ୍କ ଉଦ୍ଦେଶ୍ୟରେ ଚାଙ୍ଗୁ ବଜାଇ ବଜାଇ ପ୍ରେମ ଗୀତ ଗାଇଥାନ୍ତି। ଏଥିରେ ଯୁବତୀମାନେ ଶୁଣିଲେ ମଧ୍ୟ ପ୍ରତି ଉତ୍ତର ଦେବା ସମ୍ଭବ ନୁହେଁ। କେବଳ ସେମାନେ ଶ୍ରୋତା। ଚାଙ୍ଗୁ ବଜାଳି ଚାଙ୍ଗୁ ବଜାଏ ଓ ଗୀତ ବୋଲେ । ତା' ସାମ୍ନାରେ ତିନି ଚାରି ଜଣ ଯୁବତୀ ନାଚନ୍ତି। ବାଥୁଡ଼ି ନାରୀ ତା'ର ଖାଡୁଆ, ଝୁଣ୍ଟିଆ ପିନ୍ଧି ସଜେଇ ହୁଏ। ସଜେଇ ହୋଇ ଯୁବକଙ୍କୁ କଟାକ୍ଷ ଚାହେଁ। ସେହି କଟାକ୍ଷରେ ବାଥୁଡ଼ି ପୁରୁଷ ମୋହିତ ହୋଇଯାଏ। ତାକୁ ନେଇ ସେ ଗାଏ –

''ଗା' ମୁଣ୍ଡରେ ବଡ଼ାମ ଶାଳେ

ତେରଛି ଦେଖିଲୁ ମକେ
ମନଟାକେ ମର୍ କିଣିନେଲୁ।
ନାଲି ଶାଢ଼ୀ ଉଢ଼ୁଣାର ଫାଙ୍କେ
ଜୀବନଟା ମ ହୁଏ ଡହଲବିକଳ।''(୬୮)

'ବଡ଼ାମ ଶାଳ'କୁ ଆବାଳ ବୃଦ୍ଧ ବନିତା ସମସ୍ତେ ଏକତ୍ରିତ ହୋଇଯାଆନ୍ତି। ପ୍ରେମିକ ପୁରୁଷ କେହି ପ୍ରେମିକାକୁ କଟାକ୍ଷ ହାଣିଲା ପରେ ପ୍ରେମିକା ବି ପ୍ରେମିକକୁ କଟାକ୍ଷ ହାଣେ। ପୂଜା ଉତ୍ସବ, ପର୍ବପର୍ବାଣି, ଯୁବକଯୁବତୀ ପାଇଁ ମିଳନର ଏକ ଅପୂର୍ବ ସୁଯୋଗ ଆଣିଦିଏ। ସେହି ସୁଯୋଗକୁ ପ୍ରେମିକ ପୁରୁଷ ହାତଛଡ଼ା କରେନି। ପ୍ରେମିକା ନାରୀ ବି ପ୍ରସାଧନ ହୋଇ ତାକୁ ଦେଖିବା ନିଶାରେ ବଡ଼ାମ ଶାଳରେ ହାଜର ହୋଇଯାଏ। ସେହି ଯୁବତୀକୁ ଚାଙ୍ଗୁଗୀତରେ ପ୍ରଶ୍ନ ପଚାରେ, ତାକୁ ସେ ବିବାହ କରିବନି କି ନାହିଁ। ଯୌବନର ଝରଣାରେ ବର୍ତ୍ତମାନ ଉଭୟେ ସ୍ନାନରତ। ସେହି ହେତୁ ସେ ତା'ର ପ୍ରେୟସୀକୁ ସଙ୍ଗାତୁଣି ବୋଲି ସମ୍ବୋଧନ କରି ଗୀତ ଗାଏ। ଧାନବଛା, ଧାନରୁଆ, ବିହିଡ଼ା ସମୟରେ ମଧ୍ୟ ବେଳେବେଳେ ହେଉଥିବା ଗୀତ, ଚାଙ୍ଗୁ ବଜାଳି ଆଖିରେ ଦୃଶ୍ୟମାନ ହୁଏ। ତେଣୁ ସେ ଗାଏ –

''ରଜହୁଳି ଡାଳଭଙ୍ଗା ଗିତ
ହାରିଗେନୁ ପରାଣ ମିତ
ଧାନ ବଛାର ବାଦିଗିତ
ମକେ ଦେଲୁ ଡର ମହତ
ଯଉବନ କରେ ହଲଚଲ
ମକେ ବାହା ହବୁନା କି ସଙ୍ଗାତୁଣି ବଲ୍।''(୬୯)

**ଅଳଙ୍କାର :**

୧) ସତେକ ସୁଧର୍ମା ସଭା ଆରମ୍ଭିଲେ
ଦେବକୁଳ ନେଇ ଇନ୍ଦ୍ର

କିବା ଦ୍ୱାରିକାରେ ବସନ୍ତ ଉତ୍ସବ

କରୁଛନ୍ତି କୃଷ୍ଣଚନ୍ଦ୍ର।''(୭୦)

୨) ''କିବା ଶ୍ରୀକ୍ଷେତ୍ରରେ ଆଷାଢ଼ ମାସରେ

ରଥଯାତ୍ରା କି ଲାଗିଛି

ଗହଳ ଲଗାଇ ଶ୍ରୀଜଗା କାଳିଆ

ଭକ୍ତକୁ ବାନ୍ଧି ରଖିଛି।''(୭୧)

୩) ''କେ ଦାସୀ ଆଣଇ ଫଳ କେ ଆଣେ ଧାରେ ଜଳ

ବଡ଼ାମ ଶାଳରେ ସର୍ବ କରନ୍ତି ଠୁଳ

ସତେ ପବନ ନନ୍ଦନ ଭାଙ୍ଗେ ରାବଣ ଉଦ୍ୟାନ

ବିନାଶ କରଇ ସତେ ଏ ଫୁଲ ଫଳ

ଜନରବ ଦାନବ କୁଳ

ସତେ ଲଙ୍କା ଭାଙ୍ଗିଗଲା ପଡ଼େ ଚହଳ।''(୭୨)

**ଛାନ୍ଦ :**

**ବଙ୍ଗଳାଶ୍ରୀ -** ''ଅନ୍ଧକାର ଘେରା ମେଘ ଗରଜନ ଧିମେଇ ଆସିଲା ରାହା

ପକ୍ଷୀ କଳକଣ୍ଠ ଚତୁର ପାରୁସେ ବହେ ମନ୍ଦ ମନ୍ଦ ବାଆ।''(୭୩)

**ଚୋଖୀ -** ନିକାଞ୍ଚନ ବନୁଦେବୀ ବାହୁଡ଼ି ବିଷାଦ ଲୋଭୀ

ଆଠଗଣ୍ଡି ପରବତ ହେଲେ ପ୍ରବେଶ

ରୁଣୁଝୁଣୁ ଅଳଙ୍କାର ଶୁଭଇ ଶ୍ରୁତି ମଧୁର

କ୍ଷଣେ ଆଗମନ କଲେ ନିର୍ମିତ ବାସ

ଲୁଣଥିଲେ ତାଙ୍କ ସଦୋର

ଭାଇ ବକ୍ଷେ ପଡ଼ିଗଲା ତାଙ୍କ ପୟର।''(୭୪)

**ରାମକେରୀ -** ''ସଂସାର ସାଗର ଗରବ ହାରୀ 'ହରି ଚନ୍ଦନ'

କାହା ପଡ଼ପଣ ରଖନ୍ତି ନାହିଁ ବିଶ୍ୱ ଜୀବନ।''(୭୫)

**ଶଙ୍କରାଭରଣ-** ''ଦିନେ ପ୍ରଭାତ ସମୟେ ଶାହାଲା ସୁନ୍ଦରୀ
ସ୍ନାନ କରିବାକୁ ନିଜ ପୁରରୁ ବାହାରି
ଦ୍ୱାର ନିକଟେ ମିଳିଲେ
ମୂରଲୀ ଶବଦ ଶୁଣି କର୍ଣ୍ଣକୁ ଡେରିଲେ।''(୭୬)

# ପ୍ରାନ୍ତଟୀକା

୧) ମହାପାତ୍ର, ଶ୍ୟାମସୁନ୍ଦର, 'ଲୋକ ସାହିତ୍ୟ ତତ୍ତ୍ୱ', ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୧ମ ପ୍ରକାଶ-୧୯୯୫, ୨ୟ ସଂ - ୨୦୧୧, ପୃ - ୧୨୧ ।

୨) ଦାସ, ଡ. ହେମନ୍ତ, 'ଓଡ଼ିଆ ଲୋକ ନାଟକ', ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨, ୧ମ ପ୍ରକାଶ - ୧୯୮୩, ପୃ - ୫ ।

୩) ଗାଁଣ, ଅନାଦି ଚରଣ, 'ଲୋକ ସାହିତ୍ୟର ରୂପରେଖ' ମିତା ବୁକ୍ସ, ବାଙ୍କା ବଜାର, କଟକ, ୨ୟ ସଂ-୨୦୧୩, ପୃ - ୧୨୨

୪) ମହାପାତ୍ର, ଶ୍ୟାମସୁନ୍ଦର, 'ଲୋକସାହିତ୍ୟ ତତ୍ତ୍ୱ', ପୃ - ୧୨୩।

୫) ରାଓ, ରାଧାନାଥ, 'ରାଧାନାଥ ଗ୍ରନ୍ଥାବଳୀ', 'କଟକ ଟ୍ରେଡ଼ିଂ କମ୍ପାନୀ', ବାଲୁବଜାର, କଟକ-୨, ୧ମ ପ୍ରକାଶ - ୧୯୬୨, ପୃ - ୧୨୧ ।

୬) ବଡ଼ ଜେନା, ବ୍ରଜନାଥ, 'ସମର ତରଙ୍ଗ', ସଂ - ଅଧ୍ୟାପକ ଡକ୍ଟର ଦେବେନ୍ଦ୍ର ମହାନ୍ତି, ପ୍ରକାଶକ - ବିଦ୍ୟ ପ୍ରକାଶନ, ବାଲୁବଜାର, କଟକ - ୨, ଷଷ୍ଠ ସଂସ୍କରଣ - ୨୦୦୪, ପୃ - ୯ ।

୭) ଦାସ, ସାରଳା, 'ଚଣ୍ଡୀପୁରାଣ', ସଂ - ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଭାରତୀୟ ଭାଷା ସଂସ୍ଥାନ, ମହୀଶୂର, ପ୍ରକାଶ କାଳ - ୨୦୧୧, ପୃ - ୧୫ ।

୮) ହଳଦୀ ବଟା ଗ୍ରାମରୁ ସଂଗ୍ରହ ।

୯) ନାଏକ, ରବୀନ୍ଦ୍ର ନାଥ, ନାଏକ ଗୌରହରି (ସଂପାଦନା), 'ବଡ଼ାମ ପୁରାଣ', ପୃ-୪୫

୧୦) ତଣ୍ଡୋ ଗ୍ରାମରୁ ସଂଗ୍ରହ ।

୧୧) ତତ୍ରୈବ ।

୧୨)  ତତ୍ରୈବ।

୧୩)  ତତ୍ରୈବ।

୧୪)  ତତ୍ରୈବ।

୧୫)  ତତ୍ରୈବ।

୧୬)  ଦୁବେଇ ପାଣ୍ଡ ଗ୍ରାମରୁ ସଂଗ୍ରହ

୧୭)  ତତ୍ରୈବ।

୧୮)  ତତ୍ରୈବ।

୧୯)  ତତ୍ରୈବ।

୨୦)  ତତ୍ରୈବ।

୨୧)  'ବଡ଼ାମ ପୁରାଣ' - ପୃ - ୪୬।

୨୨)  କପଣ୍ଡ ଗ୍ରାମରୁ ସଂଗ୍ରହ।

୨୩)  ତତ୍ରୈବ।

୨୪)  ତତ୍ରୈବ।

୨୫)  ତତ୍ରୈବ।

୨୬)  ବାଲି ତୋଟା ଗ୍ରାମରୁ ସଂଗ୍ରହ

୨୭)  ମହାନ୍ତ, ଡ. ପଦ୍ମଲୋଚନ, 'କେନ୍ଦୁଝରର ଲୋକ ସାହିତ୍ୟ : ଏକ ଦୃଷ୍ଟିପାତ'। 'ଲୋକ ସାହିତ୍ୟ ଗବେଷଣା', ୧ମ ପ୍ରକାଶ - ୧୯୮୨, ପୃ - ୪୫।

୨୮)  ଦାଶ, କୁଞ୍ଜବିହାରୀ, ପଲ୍ଲିଗୀତି ସଞ୍ଚୟନ, ଓଡ଼ିଶା ବୁକ୍ ଷ୍ଟୋର, କଟକ - ୨, ପ୍ରକାଶ କାଳ - ୨୦୦୩, ପୃ - ୨୪।

୨୯)  ତତ୍ରୈବ।

୩୦)  ଦୁବେଇ ପେଣ୍ଠ ଗ୍ରାମରୁ ସଂଗ୍ରହ।

୩୧)  ତତ୍ରୈବ।

୩୨)  ତତ୍ରୈବ।

୩୩)  ତତ୍ରୈବ।

୩୪)  ତେଲିପଡ଼ା ଗ୍ରାମରୁ ସଂଗ୍ରହ

୩୫)  ତତ୍ରୈବ।

୩୬)  ତତ୍ରୈବ।

୩୭)  ତତ୍ରୈବ।

୩୮)  ତତ୍ରୈବ।

୩୯)  ତତ୍ରୈବ।

୪୦)  ବରବେଡ଼ା ଗ୍ରାମରୁ ସଂଗ୍ରହ

୪୧)  ତତ୍ରୈବ।

୪୨)  ତତ୍ରୈବ।

୪୩)  ତତ୍ରୈବ।

୪୪)  ତତ୍ରୈବ।

୪୫)  ତତ୍ରୈବ।

୪୬)  ଗଣ୍ଡବେଡ଼ା ଗ୍ରାମରୁ ସଂଗ୍ରହ

୪୭)  ତତ୍ରୈବ।

୪୮)  ତତ୍ରୈବ।

୪୯)  ତତ୍ରୈବ।

୫୦)  ତତ୍ରୈବ।

୫୧)  ତତ୍ରୈବ।

୫୨)  ଶରଧା ଗ୍ରାମରୁ ସଂଗ୍ରହ

୫୩)  ତତ୍ରୈବ।

୫୪)  ତତ୍ରୈବ।

୫୫)  ତତ୍ରୈବ।

୫୬)  ତତ୍ରୈବ।

୫୭)  ତତ୍ରୈବ।

୫୮)  ଅଖା ପଲାଣ ଗ୍ରାମରୁ ସଂଗ୍ରହ

୫୯)  ତତ୍ରୈବ।

୬୦)  ତତ୍ରୈବ।

୬୧)  ତତ୍ରୈବ।

୬୨)  ତତ୍ରୈବ।

୬୩)  ତତ୍ରୈବ।

୬୪)  ତତ୍ରୈବ।

୬୫)  ତତ୍ରୈବ।

୬୬)  ତତ୍ରୈବ।

୬୭)  ତତ୍ରୈବ।

୬୮)  ତତ୍ରୈବ।

୬୯)  ତତ୍ରୈବ।

୭୦) ପାଟବିଲ୍ ଗ୍ରାମରୁ ସଂଗ୍ରହ

୭୧) ତତ୍ରୈବ।

୭୨) ତତ୍ରୈବ।

୭୩) ତତ୍ରୈବ।

୭୪) ତତ୍ରୈବ।

୭୫) ତତ୍ରୈବ।

୭୬) ତତ୍ରୈବ।

୭୭) ତତ୍ରୈବ।